# ଜଟଣୀ ଗଣେଶପୂଜା ପ୍ରସ୍ତୁତି ପରିକ୍ରମା

ଜଟଣୀ, ୨୮।୮ (ରବୀନ୍ଦ୍ରନାଥ ମହାକୁଡ଼)




ଆଉ ୧୦ ଦିନ ପରେ ଗଣେଶ ପୂଜା। ଆସନ୍ତା ୭ରେ ହେବାକୁ ଥିବା ଏହି ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଜଟଣୀ ସହରର ଗଳି କନ୍ଦି ଠାରୁ ଆରମ୍ଭ କରି ବଜାର ଘାଟ। ପୂଜାକୁ ନେଇ କାରିଗରଠାରୁ ଆରମ୍ଭ କରି ଆୟୋଜକ ଏବଂ ବ୍ୟବସାୟୀ ସମସ୍ତଙ୍କ ମନରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି। ଏ ବର୍ଷ ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଳନ ପାଇଁ ଜଟଣୀର ବିଭିନ୍ନ ବ୍ୟବସାୟୀ ସଂଘ, ସାହି ବସ୍ତି ଏବଂ କ୍ଲବ୍ ପକ୍ଷରୁ ଧୁମଧାମରେ ପୂଜା ପାଳନ ପାଇଁ ପ୍ରସ୍ତୁତି ଜାରି ରହିଛି। ବିଶେଷକରି ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରତି ବର୍ଷ ପୂଜାକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ। ଏହି ପୂଜା ମଣ୍ଡପ ଏବଂ ବ୍ୟବସାୟ ଅନୁଷ୍ଠାନ ପୂର୍ବତଟ ରେଳପଥ ଅଧୀନରେ ଆସୁଛି। ରେଲ୍‌ୱେ ପ୍ରଶାସନ ଅଞ୍ଚଳର ବିକାଶ କାର୍ଯ୍ୟ ପାଇଁ ଦୀର୍ଘବର୍ଷ ଧରି ଗଢ଼ି ଉଠିଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରିଛି। ଫଳରେ ବ୍ୟବସାୟରେ ବ୍ୟାପକ କ୍ଷତି ହେବା ସହିତ ବହୁ ବ୍ୟବସାୟୀ ନିଜ ରୋଜଗାର ହରାଇଛନ୍ତି। ଏହି ମାର୍କେଟ୍‌ରୁ ରେଲ୍‌ୱେ ପ୍ରଶାସନ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରୁଥିଲା ବେଳେ ବର୍ଷ ବର୍ଷ ଧରି ବ୍ୟବସାୟ କରିଆସୁଥିବା ଉଚ୍ଛେଦ ବ୍ୟବସାୟୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଥଇଥାନ କରିନଥିବା ନେଇ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ଭଳି ପରିସ୍ଥିତିରେ ପରମ୍ପରା ଓ ବିଧି ରକ୍ଷା କରିବା ଏବଂ ଜଟଣୀ ଗଣେଶ ପୂଜାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ଉଦ୍ଦେଶ୍ୟରେ ପୂଜା ଆୟୋଜନ କରାଯାଉଛି। ଦୋକାନ ଘର ଭାଙ୍ଗିଯାଇଛି, ବ୍ୟବସାୟ ନାହିଁ, କିନ୍ତୁ ମନୋବଳ ଓ ଇଚ୍ଛା ଶକ୍ତି ଦୁର୍ବଳ ହୋଇନାହିଁ। ବିଧି ମୁତାବକ ପୂଜା କରିବା ପାଇଁ ସମସ୍ତଙ୍କ ଆଗ୍ରହ ରହିଥିବା ସଭାପତି ମୃତ୍ୟୁଞ୍ଜୟ ସୁବୁଦ୍ଧି କହିଛନ୍ତି।

ସୂଚନା ମୁତାବକ ଦେଶ ସ୍ୱାଧୀନତା ପୂର୍ବରୁ ସ୍ଥାନୀୟ ମାଲଗୋଦାମ ଛକ ଏବଂ ବଡ଼ବଜାରକୁ ସଂଯୋଗ କରୁଥିବା ରେଲ୍‌ୱେ ଲେଭଲ୍ କ୍ରସିଂ ନିକଟରେ ଏକ କୋଚିଲା ଗଛ ମୂଳରେ ସେତେବେଳେ ପରିବା ଓ ମାଛ ମାର୍କେଟର କେତେଜଣ ବ୍ୟବସାୟୀ ପୂଜା ଆରମ୍ଭ କରିଥିବା ଜଣାଯାଏ। ପରେ ୫୦ ଦଶକରେ ଏହି ମାର୍କେଟର ଭ୍ରମର ସାହୁ, ଅଲିଆ ସାହୁ, ପରୁ ସାହୁ, ଅରୁ ସାହୁ, ଶ୍ୟାମ ବେହେରା, ହଜାରୀ ସାହୁ, ଝରି ସାହୁଙ୍କ ସହିତ କେତେଜଣ ବ୍ୟବସାୟୀ ସ୍ୱତନ୍ତ୍ର ଭାବେ ଏହି ବଜାରରେ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ପୂଜା କରୁଥିଲେ। ୮୦ ଦଶକରେ ପୂଜା ମଣ୍ଡପ ନିର୍ମାଣ କରାଯିବା ପରେ ଆଜି ପର୍ଯ୍ୟନ୍ତ ଏହି ମଣ୍ଡପରେ ଠାକୁରଙ୍କୁ ପୂଜା କରାଯାଇଆସୁଥିବା ପୂଜା କମିଟି ସଦସ୍ୟମାନେ କହିଛନ୍ତି। ଚଳିତ ବର୍ଷ ମାର୍କେଟର ରାସ୍ତା ଏବଂ ଦୋକାନ ସବୁ ଭାଙ୍ଗିଯାଇଥିବାରୁ ପ୍ରସ୍ତୁତିରେ ବ୍ୟାଘାତ ସୃଷ୍ଟି ହେଉଛି। ତେବେ ବିଧି ଏବଂ ପରମ୍ପରା ରକ୍ଷା କରିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପାଖାପାଖି ୫ରୁ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସ୍ଥାୟୀ ଏବଂ ଅସ୍ଥାୟୀ ଭାବେ ବର୍ତ୍ତମାନ ସମୟରେ ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ସହଯୋଗରେ ପୂଜା କାର୍ଯ୍ୟ କରାଯାଉଛି। ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ସହିତ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

### ଏମାନେ ଯାହା କୁହନ୍ତି...



“ଗଣେଶ ଦେଶ ସ୍ୱାଧୀନତା ପୂର୍ବରୁ ଏହି ମଣ୍ଡପରେ ପୂଜା ହୋଇଆସୁଛି। ବର୍ଷ ବର୍ଷ ଧରି ପୂଜା ବେଶ୍ ଆକର୍ଷଣୀୟ ଏବଂ ଧୁମଧାମରେ ପାଳନ କରାଯାଉଛି। ଗତ ଦୁଇ ବର୍ଷରୁ ଅଧିକ ସମୟ ହେବ ରେଳ ପ୍ରଶାସନ ନିଜ ଅଞ୍ଚଳର ଉନ୍ନତି ପାଇଁ ଆମ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଛେଦ କରିଦେଇଛି। ଥଇଥାନର ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଅଦ୍ୟାବଧି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ କରାଯାଇ ନାହିଁ। ଫଳରେ ଅନେକ ବ୍ୟବସାୟୀ ହଇରାଣ ହେଉଛନ୍ତି। ରାସ୍ତାଘାଟ ଖାଲଖମା ଏବଂ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ପୂଜା ବୈଠକରେ ଅଭିଯୋଗ କରିବା ପରେ ରେଲ୍‌ୱେ ପ୍ରଶାସନ ମାର୍କେଟରେ ପଶି ରହିଥିବା ଲୁହା, ଅଳିଆ ଆବର୍ଜନା କିଛି ସଫା କରିଛି। ଲକ୍ଷାଧିକ ଟଙ୍କା ରାଜସ୍ୱ ରେଳ ପ୍ରଶାସନ ଏହି ମାର୍କେଟରୁ ନେଉଥିଲା ବେଳେ କୌଣସି ସୁବିଧା ପ୍ରଦାନ କରୁନାହିଁ। ଚଳିତ ପୂଜା ପ୍ରସ୍ତୁତିକୁ ନେଇ କମିଶନରେଟ ପୋଲିସ ଏବଂ ପୌର ପ୍ରଶାସନ ପକ୍ଷରୁ ଆଗତ ବୈଠକରେ ଆମ ସମସ୍ୟା ଉତ୍ଥାପନ କରିଛୁ। ପ୍ରତିକୂଳ ପରିସ୍ଥିତିରେ ବିଧି ଏବଂ ପରମ୍ପରା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ପୂଜା କମିଟି ପକ୍ଷରୁ ନିଆଯାଇଛି। ଏଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ପାର୍ସି ସମସ୍ତ ଧର୍ମର ଲୋକେ ଭାଇଚାରାର ସହିତ ପୂଜା ସମୟରେ ସାହାଯ୍ୟ ସହଯୋଗ କରୁଛନ୍ତି। ଚଳିତ ପୂଜା ଭାଇଚାରାକୁ ବଜାୟ ରଖିବା ସହିତ ଶାନ୍ତିଶୃଙ୍ଖଳାର ସହିତ ପାଳନ ହେବା ନେଇ ଆଶା କରୁଛି।

**– ମୃତ୍ୟୁଞ୍ଜୟ ସୁବୁଦ୍ଧି, ସଭାପତି, ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ**

“ଏଠାରେ ପୂର୍ବ ପୁରୁଷରୁ ପୂଜା ହୋଇଆସୁଛି। ରେଲ୍‌ୱେ ପ୍ରଶାସନ ତା’ ଅଞ୍ଚଳ ଉନ୍ନତୀକରଣ ପାଇଁ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଛି। ଫଳରେ ବ୍ୟବସାୟୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ବ୍ୟବସାୟ କରୁଛନ୍ତି। ବର୍ତ୍ତମାନ ମାର୍କେଟରେ ଗଚ୍ଛିତ ଅଳିଆ ଆବର୍ଜନା ପୂଜା ପୂର୍ବରୁ ସଫେଇ କରିବାକୁ ଅନୁରୋଧ କରାଯାଇଛି। ଜଗତ କଲ୍ୟାଣ ପାଇଁ ମଣ୍ଡପରେ ପ୍ରତିଦିନ ହୋମ କରାଯିବା ସହିତ ମାନସିକଧାରୀ ମାନସିକ ମୁତାବକ ଭୋଗଲାଗି କରିଥାନ୍ତି। ଚଳିତ ପୂଜା ଶାନ୍ତିଶୃଙ୍ଖଳାରେ ସମାପନ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

**–ବଳଦେବ ସାହୁ, ସମ୍ପାଦକ, ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ**

# କାର୍ ଉପରକୁ ବୋମାମାଡ଼, ଭାଙ୍ଗିଲା କାଚ

## ଘଟଣାସ୍ଥଳରେ ପୋଲିସର ତନାଘନା

ଯାଁଳା, ୨୮।୮ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଭୁଆଶୁଣୀ ମନ୍ଦିର ନିକଟରେ ଥିବା ଏକ କାର୍ ଉପରକୁ ବୁଧବାର ଅପରାହ୍ନ ୨ଟା ୩୦ ସମୟରେ ବୋମା ମାଡ଼ ହୋଇଛି। ବୋମାମାଡ଼ରେ ୨ଟି କାର୍‌ର କାଚ ଭାଙ୍ଗି ଯାଇଥିବାବେଳେ କାର୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ବୃତ୍ତମାନେ କାର୍ ଉପରକୁ ବୋମା ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଏପର୍ଯ୍ୟନ୍ତ ରିପୋର୍ଟ ହୋଇ ନ ଥିବା ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ଅନୁସାୟୀ, କାର୍‌ଟି ୧୬ ନଂ. ଜାତୀୟ ରାଜପଥ ସର୍ଭିସ ରାସ୍ତାରେ ଆସୁଥିବାବେଳେ ତା ପଛରେ ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ପିଛା କରୁଥିଲେ। କାର୍‌ଟି ସର୍ଭିସ ରାସ୍ତାରୁ ଭୁଆସୁଣୀ ମନ୍ଦିର ଓ କାଞ୍ଚନ ପ୍ଲାଜା ମଝିରେ ଯାଇଥିବା ରାସ୍ତାକୁ ବୁଲିବା ସମୟରେ ଦୁର୍ବୃତ୍ତ ବାଇକ୍ ଉପରୁ ଏକ ସୁତୁଲି ବୋମା ଉକ୍ତ କାର୍ ଉପରକୁ ଫିଙ୍ଗିଥିଲେ। ଫଳରେ କାର୍‌ର ଡାହାଣ ପଟ କାଚ ଭାଙ୍ଗି ଯାଇଥିଲା। ଏହି ସମୟରେ



ଘଟଣାସ୍ଥଳରେ ପଡିଥିବା କାଚଗୁଣ୍ଡ।

ଅନ୍ୟ ଜଣେ କାର୍ ମାଲିକ ତାଙ୍କ ଗାଡ଼ି କାଞ୍ଚନ ପ୍ଲାଜା ସମ୍ମୁଖରେ ରଖିଥିଲେ। ବୋମାମାଡ଼ରେ ତାଙ୍କ କାର୍ କାଚ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯେଉଁ କାର୍‌କୁ ବୋମା ମାଡ଼ ହୋଇଛି ତା’ର ମାଲିକଙ୍କୁ ଡାକି ପୋଲିସ ପଚରାଉଚରା କରିଥିବା ଜଣାପଡ଼ିଛି। ତେଣୁ କେଉଁ କାରଣରୁ ବୋମା ମାଡ଼ ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ କିଛି ସ୍ଥାନୀୟ ଲୋକଙ୍କ କହିବା କଥା, ଯେଉଁ କାର୍‌କୁ ବୋମା ମାଡ଼ ହୋଇଛି ସେ ସ୍ଥାନୀୟ ଅଞ୍ଚଳର ଜଣେ ବିଲ୍ଡର। ତେଣୁ ଜମିବାଡ଼ିକୁ ନେଇ ପୂର୍ବ ଶତ୍ରୁତାରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

# ସରଳ ଜୀବନଯାପନ ସଫଳ ବ୍ୟକ୍ତିତ୍ୱର ପରିଚାୟକ

## ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

ବୋଲଗଡ, ୨୮।୮ (ଦେବବ୍ରତ ହୋତା)

ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ’ନନ୍ଦିଘୋଷ’ର ପ୍ରତିଷ୍ଠାତା ମଣ୍ଡଳୀର ଅନ୍ୟତମ ସଦସ୍ୟ ତଥା ଏହାର ପୂର୍ବତନ ସମ୍ପାଦକ ବାସୁଦେବ ପଟ୍ଟନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠାନ ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ହରିବନ୍ଧୁ ସାହୁ ଏଥିରେ ପୌରୋହିତ୍ୟ କରିଥିବା ବେଳେ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡ଼ା, ପ୍ରାକ୍ତନ ସମ୍ପାଦକ ଗୁଣନିଧି ହୋତା, ବରିଷ୍ଠ ନାଗରିକ ବୈକୁଣ୍ଠ ମହାପାତ୍ର, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂହ ଏବଂ ସମ୍ପାଦକ ଧୀରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବାସୁଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଅତିଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସହକର୍ମୀ ଓ ନନ୍ଦିଘୋଷ ସଦସ୍ୟମାନେ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାସୁଦେବ ବୋଲଗଡ଼ ବିକାଶର ଅଗ୍ରଦୂତ ଥିଲେ ବୋଲି ସମସ୍ତ ବକ୍ତା ଅଭିହିତ କରିବା ସହ ତାଙ୍କର ସରଳ ଜୀବନଯାପନ ତାଙ୍କ ସଫଳ ବ୍ୟକ୍ତିତ୍ୱର ପରିଚାୟକ ବୋଲି କହିଥିଲେ। ଏହି ଅବସରରେ ଭକ୍ତବଲ୍ଲଭ ପଟ୍ଟନାୟକ କବିତା ମାଧ୍ୟମରେ ତାଙ୍କ ସ୍ମୃତିଚାରଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସନାତନ ପାଟ୍ଟଶାଣୀ, ସଞ୍ଜୟ ସୁବୁଦ୍ଧି, ପ୍ରତାପ କୁମାର ସାହୁ ଓ ଛବୀନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ହୃଷୀକେଶ ନାୟକ ଧନ୍ୟବାଦ ଦେଇଥିଲେ।

# ଉପକୃତ ହେବେ ୨୩ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ



ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ।

ଜଟଣୀ, ୨୮।୮ (ରବୀନ୍ଦ୍ରନାଥ ମହାକୁଡ଼)

## ୟୁପିଏସ୍‌ର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଖବରଦାତା ସମ୍ମିଳନୀ

ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍. ଏସ୍. ବାଜାଙ୍କ ଅଧ୍ୟକ୍ଷତାରେ ୟୁନିଫାଏଡ୍ ପେନ୍‌ସନ୍ ଯୋଜନାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ୍ କ୍ୟାବିନେଟ ଦ୍ୱାରା ନିକଟରେ ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ (ୟୁପିଏସ୍)କୁ ଅନୁମୋଦନ କରାଯାଇଛି, ଯାହାକି ନୂତନ ପେନ୍‌ସନ୍ ଯୋଜନା (ଏନ୍‌ପିଏସ୍) ଅଧୀନରେ ଥିବା ୨୩ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଉପକୃତ ହେବେ। ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ବାଜା କହିଛନ୍ତି, ଏକ ସୁନିଶ୍ଚିତ ପେନ୍‌ସନ ଯାହା ୨୫ ବର୍ଷର ସର୍ବନିମ୍ନ ଯୋଗ୍ୟତା ସେବା ପାଇଁ, ଅବସର ପୂର୍ବ ୧୨ ମାସର ହାରାହାରି ମୌଳିକ ବେତନର ୫୦% ପ୍ରଦାନ, ୨୫ ବର୍ଷରୁ କମ୍ ଏବଂ ସର୍ବନିମ୍ନ ୧୦ ବର୍ଷ ସେବା ଅବଧି ପାଇଁ ଆନୁପାତିକ, କର୍ମଚାରୀଙ୍କ ମୃତ୍ୟୁ ପରେ ପେନ୍‌ସନର ୬୦% ପାରିବାରିକ ପେନ୍‌ସନ, ସର୍ବନିମ୍ନ ୧୦ ବର୍ଷ ସେବା ପରେ ଅବସରପ୍ରାପ୍ତ ହେଲେ ନିଶ୍ଚିତ ସର୍ବନିମ୍ନ ପେନ୍‌ସନ ମାସକୁ ୧୦,୦୦୦ ଟଙ୍କା ପ୍ରଦାନ, ଉପରୋକ୍ତ ସମସ୍ତ ପେନ୍‌ସନ ପାଇଁ ଅଲ୍ ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମହଙ୍ଗା ରିଲିଫ୍ ପ୍ରଦାନ କରାଯିବ, ଯାହା ସେବାରେ ଥିବା କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ କରାଯାଉଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଲ୍‌ୱେ ଶ୍ରମିକ ୟୁନିୟନ୍‌ର ମଣ୍ଡଳ ସଂଯୋଜକ ରଞ୍ଜିତ କୁମାର ଦାସ, ପୂର୍ବତଟ ରେଲ୍‌ୱେ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ପ୍ରଦୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା), ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ କାର୍ମିକ ଅଧିକାରୀ ଆର୍. ଏନ. ଏ. ପରିଡ଼ା, ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ ହିମାଦ୍ରି ଭୂଷଣ ବିଶାଳ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନୀଲ କୁମାର ଏସ ପ୍ରମୁଖ ଉପସ୍ଥିତ ଥିଲେ।

# ସେଣ୍ଟ ଜାଭିୟର ସ୍କୁଲରେ ମାତୃପୂଜନ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ, ୨୮।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ବୁଧବାର ମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହଳଧର ବେହେରାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଶିକ୍ଷାବିତ୍ କେଲୁଚରଣ ଜେନା ୨୦୨୦ ଜାତୀୟ ନୂତନ ଶିକ୍ଷାନୀତି ଅନୁସାରେ, ମା’ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ନିଜ ମା’ମାନଙ୍କ ପାଦ ଧୌତ କରି ଭୂମିଷ୍ଠ ପ୍ରଣାମ ହେବା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ମା’ଙ୍କୁ ଚନ୍ଦନରେ ଚର୍ଚ୍ଚିତ କରି ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ନିମନ୍ତ୍ରିତ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ସଭ୍ୟା/ସଭ୍ୟମାନେ ମାତୃ ଦିବସର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଓ ହୃଦୟସ୍ପର୍ଶୀ ଥିଲା।

# ପର ଘରେ ଆଶ୍ରୟ ନେଉଛନ୍ତି ଦିବ୍ୟାଙ୍ଗ ପରିବାର



ନିଜ ଭଙ୍ଗାଘର ସମ୍ମୁଖରେ ପରିବାର ସହ ସନାତନ ସେଠୀ।

ବେଗୁନିଆ, ୨୮।୮ (ସନ୍ଧ୍ୟାରାଣୀ ମିଶ୍ର)

## ଗୃହ ଯୋଗାଇଦେବାକୁ ଦାବି

ସରକାର ଲୋକଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ପ୍ରକୃତ ହିତାଧିକାରୀଙ୍କ ନିକଟରେ ଏହି ଯୋଜନା ପହଞ୍ଚୁଛି କି ନାହିଁ ତାହା ଦେଖିବାକୁ କେହି ନାହାନ୍ତି। ଏମିତି ଏକ ଘଟଣା ଘଟିଛି ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତର ଏକ ଦିବ୍ୟାଙ୍ଗ ପରିବାର କ୍ଷେତ୍ରରେ। ନିଜର ଘର ନ ଥିବାରୁ ସେମାନେ ପର ଘରେ ଆଶ୍ରୟ ନେଉଛନ୍ତି।

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମ ୮ନଂ ୱାର୍ଡର ସନାତନ ସେଠୀ ସରକାରଙ୍କର ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସନାତନଙ୍କ ପରିବାର କହିଲେ ସ୍ତ୍ରୀ ସରୋଜିନୀ, ବଡ଼ପୁଅ ଅଜୟ ଓ ତାଙ୍କ ସ୍ତ୍ରୀଙ୍କ ସହ ଦୁଇ ପୁଅ ଓ ଦିବ୍ୟାଙ୍ଗ ସାନ ପୁଅ ସଞ୍ଜୟ। ସେଠୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ୧୯୯୦ ମସିହାରେ ପ୍ରଶାସନ ପକ୍ଷରୁ କଳିଙ୍ଗ କୁଟିର ଯୋଜନାରେ ପକ୍କା ଗୃହଟିଏ ଯୋଗାଇ ଦିଆଯାଇଥିଲା। ସେହି ଗୃହ ନିର୍ମାଣ ହେବାର ୩୪ ବର୍ଷ ହୋଇ ଥିବାବେଳେ ଘରଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଅର୍ଥ ଅଭାବରୁ ଘରଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବଡ଼ ପୁଅ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ନିଜ ପରିବାର ଚଳାଇ ଆସୁଥିବା ବେଳେ ଏବେ ଘରେ ସନାତନ, ସରୋଜିନୀ ଓ ଦିବ୍ୟାଙ୍ଗ ସଞ୍ଜୟ ବାସହରା ହୋଇ ସାନଭାଇ ମଧୁ ସେଠୀଙ୍କ ଘରେ ଆଶ୍ରୟ ନେଉଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବଡ଼ପୁଅ ଅଜୟ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ବଡ଼ପୁଅକୁ ସହାୟତା କରିବା ପାଇଁ ମା’ ପରଘରେ କାମ କରୁଛନ୍ତି। ପଞ୍ଚାୟତ ଉନ୍ନୟନ ପରିଷଦର ପରାମର୍ଶଦାତା ଦିଲୀପ କୁମାର ପାଣିଗ୍ରାହୀ, ରାଜକିଶୋର ପାଣିଗ୍ରାହୀ, ସଭାପତି ଶିଶିର କୁମାର ଆଚାର୍ଯ୍ୟ, ସମ୍ପାଦକ ମାନସ ରଞ୍ଜନ ଦାଶ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାହିନୀପତି, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ସମିତି ସଭ୍ୟ ସୁବାସ ମହାନ୍ତି, ସାମାଜିକକର୍ମୀ ବଂଶୀଧର ପାଣିଗ୍ରାହୀ, କାଳନ୍ଦୀ ମହାପାତ୍ର ଓ ୱାର୍ଡସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ସନାତନଙ୍କ ପରିବାରକୁ ଏକ ଗୃହ ସହିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଦୁର୍ଘଟଣାରେ ଆହତ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡ଼ିଲେ

ବୋଲଗଡ଼, ୨୮।୮ (ଦେବବ୍ରତ ହୋତା)

ବୋଲଗଡ଼ ଢ଼ାବା ନିକଟରେ ଦୁର୍ଘଟଣାରେ ଆହତ ହୋଇ ବେହୋସ ହୋଇପଡ଼ିଥିବା ଗୋମାତାଙ୍କୁ ସ୍ଥାନୀୟ ଗୋ–ରକ୍ଷା ସମିତି ପ୍ରମୁଖ ତରୁଣ ସାହୁଙ୍କ ନେତୃତ୍ୱରେ ଉଦ୍ଧାର କରି ଗୋଶାଳାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଅଞ୍ଚଳର ଗୋରୁ ମାଲିକମାନେ ଗୋରୁଙ୍କୁ ନିଜ ହେପାଜତରେ ନ ରଖି ବାହାରେ ବୁଲିବାକୁ ଛାଡ଼ିଦେଉଥିବାରୁ ରାଜପଥରେ ବୁଲୁଛନ୍ତି। ଏଥିନେଇ ଅନେକ ସମୟରେ ରାସ୍ତାରେ ଦୁର୍ଘଟଣା ଘଟି ନିରୀହ ପ୍ରାଣୀମାନେ ମଧ୍ୟ ଗୁରୁତର ଆହତ ହେଉଛନ୍ତି। କିଛିଦିନ ତଳେ ରାଜପଥରେ ଏକ ଗୋରୁ ଗାଡ଼ି ଧକ୍କାରେ ଭାଇଭଉଣୀ ଟ୍ରକ୍ ଚକା ତଳେ ପଡ଼ି



ଜୀବନ ହରାଇଥିଲେ। ଏପରି ଅନେକ ଘଟଣାକୁ ନଜରରେ ରଖି ବଜରଙ୍ଗ ଦଳ ସଦସ୍ୟମାନେ ଗୋରୁମାଲିକଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଗୋରୁଙ୍କୁ ନିଜ ଆୟତ୍ତରେ ନ ରଖି ଏଣେତେଣେ ବୁଲିବାକୁ ଛାଡ଼ିଲେ ସେମାନେ ଧରିନେଇ ଗୋଶାଳାରେ ଜିମା ଦେବେ। ଆଜିର ଏହି ଉଦ୍ଧାର କାର୍ଯ୍ୟରେ ଖୋର୍ଦ୍ଧା ଜିଲା ଗୋ–ରକ୍ଷା ପ୍ରମୁଖ ମୁକେଶ ସାମନ୍ତରାୟ, ସଂଯୋଜକ ଇତେଶ କୁମାର ବେହେରା ଓ ତରୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୃଷ୍ଣପ୍ରସାଦ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କୃଷ୍ଣପ୍ରସାଦ, ୨୮।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)




କୃଷ୍ଣପ୍ରସାଦ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ନୂଆପଡ଼ା ପଞ୍ଚାୟତ ଅଧୀନ ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରଳା ଜହ୍ନିକୁଦା ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ଏକ ସଭାର ଆୟୋଜନ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ତରେଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆପଡ଼ା ପଞ୍ଚାୟତ ସମିତି ସଭ୍ୟା ମମତାମୟୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ବରିଷ୍ଠ ବୁଦ୍ଧିଜୀବୀ ରଘୁନାଥ ବନ୍ଧୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୁରେଶଚନ୍ଦ୍ର ପ୍ରଧାନ, ନୂଆପଡ଼ା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଜେନା, ଜହ୍ନିକୁଦା ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ପଲେଇ, ସମ୍ପାଦକ ଅନନ୍ତ ମୁଦୁଲି, ମୋହନ ଗୋସ୍ୱାମୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବ୍ଲକ ଅଧୀନ ୨୬ଟି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବରିଷ୍ଠ ଏବଂ କନିଷ୍ଠ ବିଭାଗରେ କ୍ରିକେଟ୍, କବାଡ଼ି, ଖୋ ଖୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ୍ ସମ୍ପାଦକ ବରିଷ୍ଠ ଖେଳ ଶିକ୍ଷକ ଅଜିତ ବାରିକ୍, ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ ସାହୁ, ପ୍ରକାଶଚନ୍ଦ୍ର ସିଂ, ଅଶୋକ ଜେନା, ପଞ୍ଚାନନ ଜେନା, ଅଶୋକ ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ବାଲୁଙ୍କେଶ୍ୱର ବିଦ୍ୟାପୀଠ ବରିଷ୍ଠ କିରାଣି ଗଣେଶ ତରେଇ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ କର୍ମଚାରୀ, ଜହ୍ନିକୁଦା ଗ୍ରାମ୍ୟ କମିଟି ଏବଂ ଯୁବ ସଂଗଠନ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବ ୨ ଦିନ ଧରି ହେବାକୁ ଥିବାବେଳେ ଗୁରୁବାର ଉଦ୍‌ଯାପନୀ ଦିବସରେ ଆଥ୍‌ଲେଟିକ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଉଦ୍‌ଘାଟନ ହୋଇପାରିଲାନି ଶୀତଳଭଣ୍ଡାର ପ୍ରକଳ୍ପ

## ଭାଜପା ନେତା ହଟହଟା

ବେଗୁନିଆ, ୨୮।୮
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଭାଜପାର ଅପାରଗତା ପଦାରେ ପଡ଼ିଛି। ସିକୋ ଏବଂ ହଜ୍ ଉଭୟ ଗ୍ରାମପଞ୍ଚାୟତ ସଦର ମହକୁମାରେ ବୁଧବାର ୨ଟି ଶୀତଳଭଣ୍ଡାର ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭାଜପା ନେତାଙ୍କୁ ହଟହଟା ହେବାକୁ ପଡ଼ିଛି। ଭାଜପାର ମନଇଚ୍ଛା କାର୍ଯ୍ୟ ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଏବଂ ସରପଞ୍ଚଙ୍କୁ ନ ଡାକିବାରୁ ସେଠାରେ ଅସନ୍ତୋଷ ଦେଖାଦେଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟ ବିଫଳ ହୋଇଥିଲା। ଏଥିସହ




ଉଦ୍‌ଘାଟନ ହୋଇ ପାର ନ ଥିବା ସୋଲାର ଶୀତଳଭଣ୍ଡାର ପ୍ରକଳ୍ପ।

ଉଦ୍‌ଘାଟନ ପାଇଁ ଆସିଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧା ବାଟରୁ ଫେରି ଯାଇଥିଲେ। ଶେଷରେ ଭାଜପା ନେତା ନିରାଶ ହୋଇ ଫେରିଥିଲେ।

ପ୍ରକାଶଥାଉ କି, ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସିକୋ ଏବଂ ହଜ୍‌ରେ ୨ଟି ସୋଲାର ଶୀତଳଭଣ୍ଡାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଛି। ପୂର୍ବ ସରକାରଙ୍କ ୫–ଟି ଯୋଜନାରେ ଗୋଟିଏ ପ୍ରକଳ୍ପକୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଏବଂ ପଞ୍ଚାୟତ ଅଂଶରୁ ୪ ଲକ୍ଷ ୫୦ ହଜାର ଟଙ୍କା ସମୁଦାୟ ୧୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ବୁଧବାର ଅପରାହ୍ନ ୩ଟା ସମୟରେ ପ୍ରକଳ୍ପ ୨ଟି ଉଦ୍‌ଘାଟନ ହେବାକୁ ସ୍ଥିର ହୋଇଥିଲା। ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଦଳୀୟ କର୍ମୀଙ୍କ ଗହଣରେ ଉଦ୍‌ଘାଟନ କରିବାର କିଛି ସମୟ ପୂର୍ବରୁ ଅସନ୍ତୋଷ ଦେଖା ଦେଇଥିଲା। ଉଦ୍‌ଘାଟନ ସମାରୋହକୁ ଏମ୍‌ପି ଆସିବା ପୂର୍ବରୁ ଭାଜପା ନେତାଙ୍କୁ ତୀବ୍ର ବିରୋଧ କରାଯାଇଥିଲା। ବେଗୁନିଆର ବର୍ତ୍ତମାନର ବିଧାୟକ, ସ୍ଥାନୀୟ ସରପଞ୍ଚଙ୍କୁ ଉଦ୍‌ଘାଟନ ସମାରୋହକୁ ଡକାଯାଇ ନ ଥିଲା। ସ୍ଥାନୀୟ ସରପଞ୍ଚଙ୍କ ସହଯୋଗୀ, ବିଜେଡିର କର୍ମୀ ଏବଂ ଜନସାଧାରଣଙ୍କ ବିରୋଧ ଯୋଗୁ ଉଦ୍‌ଘାଟନ ସମାରୋହକୁ ଏମ୍‌ପି ଆସି ପାରିଲେନି। ଫଳରେ ଉଦ୍‌ଘାଟନ ହୋଇପାରି ନ ଥିଲା।

## ସଂକ୍ଷେପରେ

### ବସ୍‌କୁ ପିଟିଲା ଟ୍ରକ




ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)

ନୟାପଲ୍ଲୀ କ୍ରାଉନ୍ ହୋଟେଲ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ବୁଧବାର ଭୋର୍ ସମୟରେ ଏକ ଦୁର୍ଘଟଣା ଘଟିଛି। ରାସ୍ତା କଡରେ ପାର୍କିଂ ହୋଇଥିବା ଏକ ବସ୍‌କୁ ପଛରୁ ଏକ ଆଇଚର୍ ଟ୍ରକ୍ ଧକ୍କା ଦେଇଛି। ଫଳରେ ବସ୍‌ର ପଛପାର୍ଶ୍ୱ ଓ ଟ୍ରକ୍‌ର ସମ୍ମୁଖ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଟ୍ରକ୍ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଅପରପକ୍ଷରେ ବସ୍‌ରେ ଯାତ୍ରୀମାନେ ଥିଲେ ମଧ୍ୟ ସେପରି କେହି ଆହତ ହୋଇନାହାନ୍ତି। ମନୀଷା ନାମକ (ଓଡି୦୫ଏଜି୪୯୯୯) ବସ୍‌ଟି କଟକ ଅଭିମୁଖେ ଯାଉଥିବେଳେ ରାସ୍ତା ପାର୍ଶ୍ୱରେ ପାର୍କିଂ କରିଥିଲା। ଫଳରେ ଖଣ୍ଡଗିରି ପାର୍ଶ୍ୱରୁ ଆସୁଥିବା ଆଇଚର୍ ଟ୍ରକ୍‌ଟି ଉକ୍ତ ବସ୍‌କୁ ଧକ୍କା ଦେଇଥିଲା। ପୋଲିସ ପହଞ୍ଚି ଦୁଇଟି ଗାଡିକୁ ଜବତ କରି ଥାନାକୁ ନେଇଛି। ବସ୍‌ରେ ଥିବା ଯାତ୍ରୀମାନେ ଅନ୍ୟ ଗାଡିରେ ଗନ୍ତବ୍ୟସ୍ଥଳକୁ ଯାଇଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଥାନାଧିକାରୀ ସତ୍ୟ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ପଥରଗାଡ଼ିଆରେ ଗ୍ରାମ ଆନୁକୂଲ୍ୟରେ ନନ୍ଦୋତ୍ସବ

ବାରଙ୍ଗ,୨୮।୮(ଲିଙ୍ଗରାଜ ରାଉତ)

ଉତ୍କଳ ଯାଦବ ମହାସଭା ଭୁବନେଶ୍ୱର ଜିଲା ଓ ପଥରଗାଡ଼ିଆ ଗ୍ରାମ ଆନୁକୂଲ୍ୟରେ ୨ ଦିନ ଧରି ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ପ୍ରମୁଖ ଯୋଗ ଦେଇଥିଲେ। ଗୋଟିପୁଅ ନୃତ୍ୟ, ଲଉଡ଼ି ନୃତ୍ୟ ପରିବେଷଣ ସହ କୃଷ୍ଣ, ରାଧା, ସୁଦାମ, ଯଶୋଦା, ନନ୍ଦ ଆଦି ବେଶରେ ଗ୍ରାମବାସୀ ସଜ୍ଜିତ ହୋଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗ୍ରାମର ମହିଳାଙ୍କୁ ଷଡ଼ଙ୍ଗୀ ଶାଢ଼ୀ ବାଣ୍ଟିଥିଲେ। ଅଖିଳ ଭାରତୀୟ ଯାଦବ ମହାସଭା ଉପସଭାପତି ପ୍ରଫୁଲ୍ଲ ଦାସ, ଉତ୍କଳ ଯାଦବ ମହାସଭା ଆୟୋଜକ ଡ. ଭରତ ଚନ୍ଦ୍ର ବେହେରା, ଯାଦବ ମହାସଭା ସଭାପତି ସରୋଜ ବେହେରା, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଶ୍ରୀଧର ବେହେରା, କୁନା ବେହେରାଙ୍କ ସମେତ ପଥରଗାଡ଼ିଆ ଗ୍ରାମବାସୀ ସହଯୋଗ କରିଥିଲେ। ଉତ୍କଳ ଯାଦବ ମହାସଭା ଭୁବନେଶ୍ୱର ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

### ସାପ ଦଂଶନରେ ଯୁବକ ମୃତ

ଅସ୍ତରଙ୍ଗ,୨୮।୮(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ଖଣ୍ଡାସାହି ଗ୍ରାମର ପ୍ରଭାତ କାଣ୍ଡି ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ ଦଂଶନ କରିବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ୧୨/୨୪ରେ ଏକ ମାମଲା ରୁଜୁକରି କାକଟପୁର ପୋଲିସ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଯାଇଥିବା ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରକାଶ କରିଛନ୍ତି।

# ଆଇପିଏସ୍ ଅଫିସର ରାଜେଶ ପଣ୍ଡିତଙ୍କୁ ୩୦ଦିନ ମହଲତ

## ଅଭିଯୋଗର ଜବାବ ରଖିବାକୁ ଚିଠି କଲା ଗୃହ ବିଭାଗ

ଭୁବନେଶ୍ୱର,୨୮।୮(ସତ୍ୟଜିତ୍ ରାଉତ)

ଜଣେ ବିବାହିତ ମହିଳା ଇନ୍‌ସ୍ପେକ୍ଟରଙ୍କୁ ପ୍ରେମ ନିବେଦନ କରିବାକୁ ରାତିରେ ସରକାରୀ ବାସଭବନରେ ପଶିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ଅଭିଯୋଗରେ ନିଲମ୍ବିତ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଏସଂକ୍ରାନ୍ତରେ ରାଜେଶଙ୍କୁ ଗୃହ ବିଭାଗ ପକ୍ଷରୁ ଚିଠି ପଠାଯାଇ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗର ପକ୍ଷ ରଖିବାକୁ ୩୦ ଦିନ ସମୟ ଦିଆଯାଇଛି। ଏଥିସହ ତଦନ୍ତ କମିଟି ପାଖରେ ଅଭିଯୋଗ ସଂକ୍ରାନ୍ତରେ ତଥ୍ୟ ପ୍ରମାଣ ସହ ବ୍ୟକ୍ତିଗତ ହାଜର ହୋଇ ନିଜର ପକ୍ଷ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ ରାଜେଶ ଜବାବ ନ ଦିଅନ୍ତି କିମ୍ବା ବ୍ୟକ୍ତିଗତ ଉପସ୍ଥିତ ହୋଇ ନିଜ ପକ୍ଷ ରଖିବାକୁ ଅସମର୍ଥ ହୁଅନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନୁପସ୍ଥିତ ଦର୍ଶାଇ ତଦନ୍ତ କମିଟି ଏକପାଖିଆ ନିଷ୍ପତ୍ତି ନେଇପାରିବ ବୋଲି ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ୨୭ତାରିଖ ଶନିବାର ରାତିରେ ମହିଳା ଇନ୍ସପେକ୍ଟରଙ୍କ କ୍ୱାର୍ଟର୍ସକୁ ଆଇପିଏସ୍ ଅଧିକାରୀ ପଣ୍ଡିତ ଯାଇ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଥିଲା। ମହିଳା ଇନ୍ସପେକ୍ଟରଙ୍କ ସ୍ୱାମୀ ଆସିବାର କାରଣ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପଣ୍ଡିତ ଉତ୍କ୍ଷିପ୍ତ ହୋଇ ଇନ୍ସପେକ୍ଟରଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଘଟଣାସ୍ଥଳରୁ ପଣ୍ଡିତ ଚାଲିଯାଇଥିଲେ। ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ସୁଦ୍ଧା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜୁଲାଇ ୩୦ରେ ଏହି ଘଟଣାରେ ରାଜେଶଙ୍କୁ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ।



# ଓଡ଼ିଶା ଶାନ୍ତି ପ୍ରିୟ ରାଜ୍ୟ

## ମମତାଙ୍କୁ ମୋହନଙ୍କ କଡ଼ା ଜବାବ

ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ପଶ୍ଚିମବଙ୍ଗରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଏବଂ ହତ୍ୟା ଘଟଣାରେ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହି ଘଟଣାରେ ପଶ୍ଚିମବଙ୍ଗରେ ଭାଜପାର ପ୍ରତିବାଦକୁ ବିରୋଧ କରି ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଭାଜପା ରାଜ୍ୟରେ ନିଆଁ ଜଳାଉଛି ବୋଲି ମମତା କହିଛନ୍ତି। ଏପରି କି ଯଦି ପଶ୍ଚିମବଙ୍ଗରେ ନିଆଁ ଜଳିବ ତେବେ ଆସାମ, ଉତ୍ତରପୂର୍ବ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଦିଲ୍ଲୀରେ ମଧ୍ୟ ନିଆଁ ଜଳିବ ବୋଲି ମମତା ମନ୍ତବ୍ୟ ଦେଇଥିଲେ। ମମତାଙ୍କ ଏଭଳି ମନ୍ତବ୍ୟ ବିରୋଧରେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବୁଧବାର ଏକ୍ସ ମାଧ୍ୟମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏହାର ଜବାବ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସମ୍ପର୍କରେ ଏଭଳି ଆପତ୍ତିଜନକ ଟିପ୍ପଣୀ ଦେବାପାଇଁ ଆପଣଙ୍କୁ ଏ ଅଧିକାର ଦେଲା କିଏ। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ, ଓଡ଼ିଶାବାସୀ ମଧ୍ୟ ଦାୟିତ୍ୱବାନ ଏବଂ ସଚେତନ। ଆମ ରାଜ୍ୟ ଓଡ଼ିଶା ପ୍ରତି ଆପଣଙ୍କ ଏଭଳି ବିଦ୍ୱେଷ ଭାବ, ନକାରାତ୍ମକ ମନ୍ତବ୍ୟ ଏବଂ ସମ୍ବେଦନହୀନ ମନୋଭାବକୁ ଆମ ଓଡ଼ିଶାବାସୀ କେବେବି ଗ୍ରହଣ କରିବେ ନାହିଁ। ଜଘନ୍ୟ ଅପରାଧର ଶିକାର ହୋଇଥିବା ଝିଅକୁ ନ୍ୟାୟ ନ ଦେଇ, ପ୍ରତିଶୋଧ ପରାୟଣ ଭାବ ନେଇ ଆପଣ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ଦେଶପାଇଁ ବିପଜ୍ଜନକ। ଆପଣଙ୍କୁ ଅନୁରୋଧ, ଏଥିରୁ କ୍ଷାନ୍ତ ରୁହନ୍ତୁ। ଶାନ୍ତି ରହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଦୁର୍ଗାଚରଣ ରଣବୀରଙ୍କୁ 'ଗୁରୁଦକ୍ଷିଣା ସମ୍ମାନ'

## ସୁଜାତା ମହାପାତ୍ରଙ୍କୁ 'ସୃଜନଶୀଳତା ପ୍ରତିଭା ସମ୍ମାନ'



ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

କଳାଶ୍ରମ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ତିନିଦିନିଆ ଗୁରୁଦକ୍ଷିଣା ମହୋତ୍ସବ-୨୦୨୪ ଆରମ୍ଭ ହୋଇଛି। ଦିବ୍ୟାଙ୍ଗଙ୍କ ପାଇଁ ସମର୍ପିତ ଏହି ଉତ୍ସବରେ ଅତିଥିଭାବେ ପୂର୍ବତନ ପ୍ରଶାସକ ଅଶୋକ ତ୍ରିପାଠୀ, ପିପିଏଲ୍‌ର କର୍ପୋରେଟ ମୁଖ୍ୟ ସୁଧୀରଞ୍ଜନ ମିଶ୍ର, ଗୁରୁ ନିରଞ୍ଜନ ରାଉତ ଏବଂ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ଗୁରୁଦକ୍ଷିଣା ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦକୁ ମାନପତ୍ର, ଉପଢୌକନ ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଗୁରୁ ସୁଜାତା ମହାପାତ୍ରଙ୍କୁ 'ସୃଜନଶୀଳତା ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।

ପରେ 'ପୁଷ୍ପାଞ୍ଜଳି'ରୁ ଆରମ୍ଭ ହୋଇଥିଲା ମହୋତ୍ସବ ସନ୍ଧ୍ୟା। କଳାଶ୍ରମର ଶିଳ୍ପୀମାନେ ଏହାକୁ ପରିବେଷଣ କରିଥିଲେ। ଏହାପରେ ଏକକ ନୃତ୍ୟ ପରିବେଷଣ କରିଥିଲେ ଦିବ୍ୟାଙ୍ଗ ଶିଳ୍ପୀ ଦ୍ରିଷ୍ଟି ଦିବ୍ୟାଂଶ ଦେହୁରୀ। ଗୁରୁ ସୁଜାତା ମହାପାତ୍ର ଏବଂ ପ୍ରୀତିଶା ମହାପାତ୍ର ଦ୍ୱୈତ ଭାବେ ଓଡ଼ିଶୀ ନୃତ୍ୟ ପରଷି ଦେଇଥିଲେ। ପରେ ପରେ ମଙ୍ଗଳପୁର ପୁରୀର ବୀଣାକେଶରୀ ନୃତ୍ୟମଞ୍ଜରୀ ପକ୍ଷରୁ ଦଳଗତଭାବେ ପାରମ୍ପରିକ ଲୋକ ନୃତ୍ୟ ପରିବେଷଣ କରିଥିଲେ। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସମ୍ବଲପୁରୀ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ଭଦ୍ରକ ମନ୍ଦିରା ଅନୁଷ୍ଠାନର ଶିଳ୍ପୀମାନେ। କଳାଶ୍ରମର ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ସହିତ ସାମ୍ବାଦିକ ମନୋଜ ଦାସ ଏବଂ ଗୁରୁ ବିଜୟ କୁମାର ଦାସ ଉପସ୍ଥିତ ଥିଲେ।

### ଦୀପ୍ତିରଞ୍ଜନ ସେଠୀ ଶ୍ରୀମନ୍ଦିର ଉପପ୍ରଶାସକ, ଦେବବ୍ରତ ସାହୁ ଉନ୍ନୟନ ପ୍ରଶାସକ

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଦୁଇଜଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବରିଷ୍ଠ ଓଏଏସ୍ ଅଧିକାରୀ ଦେବବ୍ରତ ସାହୁଙ୍କୁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଭାବେ ନିଯୁକ୍ତି ମିଳିଛି। ସାହୁ ଏବେ ଗଞ୍ଜାମର ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ଶ୍ରୀମନ୍ଦିର ଉପପ୍ରଶାସକ (ରାଜସ୍ୱ) ଭାବେ ଓଏଏସ୍ ଅଧିକାରୀ ଦୀପ୍ତିରଞ୍ଜନ ସେଠୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେଠୀ ବର୍ତ୍ତମାନ ଖୋର୍ଦ୍ଧା ଉପଜିଲାପାଳ ଭାବରେ କାର୍ଯ୍ୟ କରୁଛନ୍ତି।

### ରମାଦେବୀ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ବିଶ୍ୱବିଦ୍ୟାଳୟରେ ଚାଇଲ୍ଡ ଆଣ୍ଡ ୱିମେନ୍ ଡିଭେଲପମେଣ୍ଟ ସୋସାଇଟି (ସିଏଡବ୍ଲ୍ୟୁଏସ୍) ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୦୦ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଦୃଷ୍ଟିହୀନ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ଓ ଚର୍ମରୋଗ ସମସ୍ୟାର ସମାଧାନ ନେଇ ଆବଶ୍ୟକ ପରାମର୍ଶ ଦିଆଯିବା ସହ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଡବ୍ଲ୍ୟୁଡିଏସ୍‌ର ଅଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ପିଜି କାଉନ୍‌ସିଲ ଅଧ୍ୟକ୍ଷ ଚଣ୍ଡିଚରଣ ଦାସ, ଡ. ନଳିନୀ ପତି, ଡା. ଶ୍ୟାମସୁନ୍ଦର କର, ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ନେଇ ଡବ୍ଲ୍ୟୁଏଫ୍‌ପି ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଆଲୋଚନା



ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ଓ ନୀତି ବିକାଶର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାଲେରୀ ଏନ୍. ଗୁର୍ନିରି ବୁଧବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ଭେଟି ବର୍ତ୍ତମାନ ଓ ଭବିଷ୍ୟତରେ ହେବାକୁ ଥିବା ସହଭାଗିତା ସମ୍ପର୍କରେ ଆଲୋଚନା କରିଛନ୍ତି। ଓଡ଼ିଶାର ଅବହେଳିତ ଜନଜାତିଙ୍କ ପାଇଁ ପୋଷଣ, ଉତ୍ତମ ପୁଷ୍ଟିକର ଖାଦ୍ୟ ତଥା ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ ରଖିଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ପିଡିଏସ୍ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଯୋଗାଣ ସୁବିଧାରେ ଉନ୍ନତି ଆଣିବା ପାଇଁ ସରକାର ଗ୍ରହଣ କରିଥିବା ବହୁ ଅଗ୍ରଗାମୀ ପଦକ୍ଷେପ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟରେ ଘରକୁ ଘର ଖାଦ୍ୟ ଯୋଗାଣ, ନିର୍ଦ୍ଦିଷ୍ଟ ଦିନରେ ଖାଦ୍ୟ ବଣ୍ଟନ, ଅତ୍ୟଧିକ ସବ୍‌ସିଡିଯୁକ୍ତ ଗରମ ରନ୍ଧା ଖାଦ୍ୟ ସହିତ ଆଉଟ୍‌ଲେଟ ସୁବିଧା ଏବଂ ନିକଟରେ ଆରମ୍ଭ ହୋଇଥିବା ଶସ୍ୟ ଏଟିଏମ୍ ସମ୍ପର୍କରେ ଜାଣିବା ପରେ ସେ ପ୍ରଶଂସା କରିଥିଲେ। ପୁଷ୍ଟିକର ଖାଦ୍ୟ ଓ ନିରାପତ୍ତା ଯୋଗାଇବା ପାଇଁ ଓଡ଼ିଶା ନିରନ୍ତର ବିକାଶ ଲକ୍ଷ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଥିବାରୁ ଡବ୍ଲ୍ୟୁଏଫପି ସହିତ ରାଜ୍ୟର ଦୀର୍ଘ ଦଶନ୍ଧି ଧରି ସହଭାଗିତା ବୃଦ୍ଧି ପାଇବ ବୋଲି ଉନ୍ନୟନ କମିଶନର କହିଛନ୍ତି। ଏହି ବୈଠକରେ ଡବ୍ଲ୍ୟୁଏଫ୍‌ପିର ପ୍ରତିନିଧି ଏଲିଜାବେଥ୍ ଫୌରେ ଓ ରାଜ୍ୟ କାର୍ଯ୍ୟାଳୟର ମୁଖ୍ୟ ହିମାଂଶୁ ବଳ ଉପସ୍ଥିତ ଥିଲେ।

# ବର ଅଶ୍ୱତ୍ଥ ରୋପଣ ଅଭିଯାନ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,
୨୮।୮(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଚାରା ରୋପଣ କରାଯାଉଛି।

ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଗତ ଜୁଲାଇ ୨୮ରୁ ମାସେ ଧରି ପରିବେଶ ପ୍ରେମୀଙ୍କ ଦ୍ୱାରା ପରିବେଶ ଦ୍ୱାରା 'ଆସ ଲଗାଇବା ବର ଅଶ୍ୱତ୍ଥ' ଅଭିଯାନ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରାଜଧାନୀ ଓ ଏହାର ଉପକଣ୍ଠ ଅଞ୍ଚଳରେ ବୃକ୍ଷର ସୁରକ୍ଷା ଓ ସଂରକ୍ଷଣକୁ ଦୃଷ୍ଟି ଦେଇ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ବର ଓ ଅଶ୍ୱତ୍ଥ ବୃକ୍ଷର ଚାରାରୋପଣ କରାଯାଇଛି। ଅଭିଯାନକୁ ଏହି ବର୍ଷ ପାଇଁ ଶାନ୍ତିସ୍ତୂପ ଧଉଳିଠାରେ ଚାରାରୋପଣ କରାଯାଇ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ରୋପଣ କରାଯାଇଥିବା ଚାରାଗୁଡ଼ିକର କିପରି ଠିକ୍ ଯତ୍ନ ନିଆଯାଇପାରିବ, ସେଥିପାଇଁ ଏହି ଅଭିଯାନର ସଦସ୍ୟଙ୍କୁ ନେଇ ଏକ ତଦାରଖ କମିଟି ଗଠନ କରାଯାଇଛି। ଏହି ଅବସରରେ ଗଣେଶ ପାଲ, ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ଦୀପକ ଦାସ, ଅଶୋକ ବଡ଼ପଣ୍ଡା, ସନ୍ତୋଷ ବଟୁ, ମନୋରଞ୍ଜନ ମହାପାତ୍ର, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ସୋମ୍ୟରଞ୍ଜନ ପଣ୍ଡା, ଆଶିଷ ପ୍ରଧାନ, ଉପନ ଦାସ, କାଳିଆ ବାବୁ, ଫକୀର ବେହେରା, ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କେଶୁରା ଦୁର୍ଗା ପୂଜା ସମିତି ପକ୍ଷରୁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର,
୨୮।୮(ସୁବାସ ଚନ୍ଦ୍ର ପ୍ରଧାନ)



ଶାରଦୀୟ ଦୁର୍ଗାପୂଜା ପାଇଁ ମଙ୍ଗଳବାର ନନ୍ଦୋତ୍ସବ ଅବସରରେ କେଶୁରା ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଘଣ୍ଟ, ଶଙ୍ଖ, ବାଜା ଶୋଭାଯାତ୍ରାରେ କମିଟି ସଦସ୍ୟମାନେ କୁଆଖାଇ ନଦୀପଠାରେ ପହଞ୍ଚିଥିଲେ। ମା' ପୁରୁଣେଇଙ୍କ ପୀଠରେ ମାଟି ଅନୁକୂଳ ହୋଇଥିଲା। ବ୍ରାହ୍ମଣ ମନୋଜ କୁମାର ପତି,ସୁକାନ୍ତ ମହାପାତ୍ର ଏବଂ ପାର୍ଥ ସାରଥୀ କର ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରେ ସେଠାରୁ ମାଟି ସଂଗ୍ରହ କରାଯାଇ ଶୋଭାଯାତ୍ରା କେଶୁରା ଖେଳପଡ଼ିଆ ପରିସରରେ ଥିବା ଦୁର୍ଗା ମଣ୍ଡପରେ ପହଞ୍ଚି ଏହି ମାଟି ସ୍ଥାପନ କରିଥିଲେ। ଏଥିରେ ମୁଖ୍ୟ କର୍ତ୍ତା ଭାବେ ପ୍ରହ୍ଲାଦ ପ୍ରଧାନ ଏବଂ ଉପକର୍ତ୍ତା ପ୍ରହ୍ଲାଦ ବେହେରା ଏବଂ ଦିଲୀପ ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ସଭାପତି ପ୍ରଫୁଲ୍ଲ ସ୍ୱାଇଁ, କୋଶାଧ୍ୟକ୍ଷ ତପନ ଭୋଳ, ବରିଷ୍ଠ ସଭ୍ୟ କାର୍ତ୍ତିକ ପ୍ରଧାନ, ଟିକିଲି ସ୍ୱାଇଁ, କୃଷ୍ଣ ବେହେରା, ସୁଧୀର ବାରିକ, ଦିଲୀପ ଭୋଳ, ମାଗୁଣି ପ୍ରଧାନ, ତ୍ରିଲୋଚନ ରାଉତ, ମଣ୍ଟୁ ସ୍ୱାଇଁ, ପିଣ୍ଟୁ ପ୍ରଧାନ, ସୁରେଶ ବେହେରା, ହୃଷୀ ଦାସ ସାମିଲ ଥିଲେ।

# 'ପାୱାର୍ ଉଇଦିନ୍: ଦ ଲିଡରଶିପ୍ ଲେଗାସି ଅଫ୍ ନରେନ୍ଦ୍ର ମୋଦି' ଉନ୍ମୋଚିତ

ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଏବଂ ଏସ୍‌ଆର୍‌ବି କନ୍‌ସଲଟାନ୍ସି ପକ୍ଷରୁ 'ପାୱାର୍ ଉଇଦିନ୍: ଦ ଲିଡରଶିପ ଲେଗାସି ଅଫ୍ ନରେନ୍ଦ୍ର ମୋଦି' ପୁସ୍ତକ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକକୁ ଡ. ଆର୍. ବାଲସୁବ୍ରମଣ୍ୟମ ରଚନା କରିଛନ୍ତି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ତଥା ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରାମଣି, ଲେଖକ ଡ. ଆର୍. ବାଲସୁବ୍ରମଣ୍ୟମ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ 'ଲିଡରଶିପ ଥ୍ରୁ ଇଣ୍ଡିକ ଉଇଜଡମ୍' ଶୀର୍ଷକ ଆଲୋଚନାଚକ୍ରରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ବରିଷ୍ଠ ଆଡ୍‌ଭୋକେଟ ପୀତାମ୍ବର ଆଚାର୍ଯ୍ୟ, ଲେଖକ ବାଲସୁବ୍ରମଣ୍ୟମ, ରାମକୃଷ୍ଣ ମଠ ଅଧ୍ୟକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ଯୋଗଦେଇ ଆଲୋଚନା କରିଥିଲେ। ଲେଖକୀୟ ବକ୍ତବ୍ୟରେ ବାଲସୁବ୍ରମଣ୍ୟମ କହିଲେ, ଭବିଷ୍ୟତ ନେତାମାନଙ୍କ ପାଇଁ ଏହି ପୁସ୍ତକ ଏକ ମାର୍ଗଦର୍ଶକ। ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ଅନିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ 'ପାୱାର୍ ଉଇଦିନ୍: ଦ ଲିଡରଶିପ୍ ଲେଗାସି ଅଫ୍ ନରେନ୍ଦ୍ର ମୋଦି' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ବନ ବିଦ୍ୟାଳୟ ଜାତୀୟତାବାଦୀ ଚିନ୍ତାଧାରାର ଏକ ପ୍ରମୁଖ ଦିଗ

## ଜାତୀୟ ଅଭିଲେଖାଗାରର ପଞ୍ଚମ ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର,୨୮।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ପଞ୍ଚମ ମାସିକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗବେଷକ ତଥା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। 'ଉତ୍କଳମଣି ଗୋପବନ୍ଧୁ : ସତ୍ୟବାଦୀ ବନବିଦ୍ୟାଳୟର ବିଶେଷ ଦୃଷ୍ଟିକୋଣ' ଶୀର୍ଷକ ଉପରେ ସେ ସାରଗର୍ଭକ ଆଲୋଚନା କରିଥିଲେ। ବ୍ରିଟିଶ ଶାସନ କାଳରେ ଗୋପବନ୍ଧୁଙ୍କ ଦ୍ୱାରା ୧୯୦୯ ଅଗଷ୍ଟ ୧୨ ତାରିଖରେ ମାତ୍ର ୧୯ ଜଣ ଛାତ୍ରଙ୍କ ସହିତ ପୁରୀର ସତ୍ୟବାଦୀଠାରେ ପ୍ରତିଷ୍ଠିତ ହୋଇଥିବା ସତ୍ୟବାଦୀ ବନ ବିଦ୍ୟାଳୟ ଜାତୀୟତାବାଦୀ ଚିନ୍ତାଧାରା ଓ ସ୍ୱାଧୀନତା ଆନ୍ଦୋଳନର ଏକ ପ୍ରମୁଖ ଦିଗ ଥିଲା। ଉକ୍ତ ବିଦ୍ୟାଳୟ ଜାତି ଓ ଧାର୍ମିକତାର ଭେଦଭାବ ଦ୍ୱାରା ମୁକ୍ତ ଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରି ଏହା ଶିକ୍ଷା ସହିତ ନୀତି ଆଦର୍ଶ ଚରିତ୍ର, ଶୃଙ୍ଖଳା ଆଦି ଅଭ୍ୟାସ କରିଥିଲା। ଶିକ୍ଷା ମାଧ୍ୟମରେ ସ୍ୱାଧୀନତାର ଜାଗରଣ କିପରି ସମ୍ଭବ ହେବ ସେ ବିଷୟରେ ବନବିଦ୍ୟାଳୟ ମାଧ୍ୟମରେ ଗୋପବନ୍ଧୁ ସମସ୍ତଙ୍କୁ ନିକଟତର କରାଇପାରିଥିଲେ ବୋଲି ପ୍ରଫେସର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି ଭାରତରେ ଯେପରି ଗାନ୍ଧୀ ନମସ୍ୟ ଓଡ଼ିଶାରେ ସେହିପରି ଗୋପବନ୍ଧୁ ଏ ଓଡ଼ିଆ ଜାତିର ନମସ୍ୟ ବୋଲି କହିଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ନାବାଳିକାଙ୍କୁ ବଳାତ୍କାର କରି ଯୁବକ ଗିରଫ**

ଚୌଦ୍ୱାର,(ଆଶୁତୋଷ ଦାସ): ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ଘଟଣାରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଗୋଡଧୁଆ ଗ୍ରାମର ଗଣେଶ ହେମ୍ବ୍ରମ। ଗଣେଶଙ୍କ ଘରକୁ ନାବାଳିକା ପାଣି ପିଇବାକୁ ଆସିଥିବାବେଳେ ସେ ତାଙ୍କୁ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଧମକ ଦେଇ ବାରମ୍ବାର ବଳାତ୍କାର କରିବାରୁ ସେ ଗର୍ଭବତୀ ହୋଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୪୫/୨୪) ରୁଜୁ କରିଥିଲା।

**ସଂକ୍ଷେପରେ**

## ଏସ୍‌ସିବି ହେପାଟୋଲୋଜି ବିଭାଗ ନିକଟରୁ ନବଜାତ ଶିଶୁପୁତ୍ର ଉଦ୍ଧାର



କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ର ହେପାଟୋଲୋଜି ବିଭାଗ ନିକଟରୁ ବୁଧବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସେଠାରେ ଥିବା ଅନ୍ଧାରୁଆ ସ୍ଥାନରେ ଶିଶୁଟିକୁ ଏକ କପଡାରେ ଗୁଡାଇ ପକାଇ ଦିଆଯାଇଥିଲା। ସେହି ବାଟ ଦେଇ ଯାଉଥିବା ଜଣେ ମହିଳା କର୍ମଚାରୀ ଏହା ଦେଖି ନିକଟରେ ଥିବା ସୁରକ୍ଷାକର୍ମୀଙ୍କୁ ଡାକିଥିଲେ। ଫଳରେ ସୁରକ୍ଷାକର୍ମୀ ଏ ସମ୍ପର୍କରେ ସ୍ଥାନୀୟ ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ଏନେଇ ଫାଣ୍ଡି ଅଧିକାରୀ ପ୍ରଧାନ କହିଛନ୍ତି, ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ଗୁରୁବାର ଚାଇଲ୍ଡଲାଇନକୁ ଏସମ୍ପର୍କରେ ଅବଗତ କରାଯିବ ବୋଲି ସୂଚନା ମିଳିଛି।

# ରାସ୍ତାରେ ବନ୍ୟାଜଳ, ଯାତାୟାତ ବାଧାପ୍ରାପ୍ତ

ଖୁଣ୍ଟୁଣୀ,୨୮।୮(ସଚ୍ଚିଦାନନ୍ଦ ପଣ୍ଡା)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ ପୁରୁଣା କଟକ-ସମ୍ବଲପୁର ରାସ୍ତାର ମହାକାଳବସ୍ତ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପୁର ଓ ଦହିସରା ଗ୍ରାମର ଢ଼ାଉରଙ୍ଗ ଗଡ଼ାରେ ବୁଧବାର ଅପରାହ୍ନରୁ ସାଢେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ଦହିସରାଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ପ୍ରଭାବରେ ସାପୁଆ ନଦୀର ଉପର ମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଧବାର ଅପରାହ୍ନରେ ବନ୍ୟାଜଳ ଚମ୍ପାପୁର ଓ ଢ଼ାଉରଙ୍ଗ ଗଡାଠାରେ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରିପୋର୍ଟ ଲେଖାଯିବାବେଳକୁ କୌଣସି ଅଧିକାରୀ ସେଠାରେ ପହଞ୍ଚି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଏହି ରାସ୍ତା ମହାକାଳବସ୍ତ ବଜାରଠାରୁ ଦହିସରା ପର୍ଯ୍ୟନ୍ତ ନିଚା ହୋଇଥିବାରୁ ପ୍ରତିବର୍ଷ ବର୍ଷାଦିନେ ବନ୍ୟାଜଳ ପ୍ରବାହିତ ହୋଇଥାଏ। ଫଳରେ ଏହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥାଏ। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଆଠଗଡ଼ ଓ ଅନୁଗୋଳ ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସ୍ଥାନରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚମ୍ପାପୁରଠାରେ ବନ୍ୟାଜଳ ପ୍ରବାହିତ ହେଉଛି।

## ଏଥର ବାରାଣସୀର ବିଶ୍ୱନାଥ ମନ୍ଦିର ତୋରଣ

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)



ଗଣେଶ ପୂଜା ପାଇଁ ଚଳଚଞ୍ଚଳ କଟକ ସହର। ପୂଜା ପାଇଁ ନୂଆପଡ଼ା ପ୍ରେସ୍ କଲୋନୀର ଅବତାର କ୍ଲବ ଗତ ଦୁଇବର୍ଷ ହେବ ଗଣେଶ ପୂଜା କରିଆସୁଛି। କ୍ଲବ୍‌ରେ ୨୫ ଜଣ ସଦସ୍ୟ ରହିଥିବାବେଳେ ସଭାପତି ଭାବେ ମୁନା ପାତ୍ର ଓ ସମ୍ପାଦକ ଭାବେ ଦେବୀପ୍ରସାଦ ଦାସ ରହିଛନ୍ତି। କ୍ଲବ୍ କର୍ମକର୍ତ୍ତା ଦେବାଶିଷ ନାୟକ କହିଛନ୍ତି, ଚଳିତବର୍ଷ ଗଣେଶ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୂଜା ପାଇଁ ୫ଲକ୍ଷ ଟଙ୍କା ବଜେଟ ପ୍ରସ୍ତୁତ ହୋଇଛି। ୯ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ପୂଜା କରାଯିବ ଏବଂ ପ୍ରଥମକରି ମଣିପୁର ଗଣେଶଙ୍କ ମୁକୁଟ ତିଆରି କରାଯାଉଛି, ଯେଉଁଥିରେ କଟକର ତାରକସି କାର୍ଯ୍ୟ ରହିଛି। ସେହିପରି ଏଥର ବାରାଣସୀର ବିଶ୍ୱନାଥ ମନ୍ଦିର ଆକୃତିର ୫୦ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣ କରାଯିବ। ଏହାକୁ କଟକର କାରିଗର ତିଆରି କରିବେ। ପୂଜାଠାରୁ ଆରମ୍ଭ କରି ତିନିଦିନ ପର୍ଯ୍ୟନ୍ତ ପ୍ରାୟ ୫୦୦ ଲୋକଙ୍କ ପାଇଁ ଖିରି ଭୋଗ ହେବ। ବ୍ରହ୍ମପୁର ବାଦ୍ୟ ସମେତ ପାରମ୍ପରିକ ବାଦ୍ୟରେ ଭସାଣି ଯାତ୍ରା କରାଯିବ।

## ପାର୍ବଣ ପୂର୍ବରୁ ଉତ୍ତର ଦ୍ୱାର କାର୍ଯ୍ୟ ଶେଷ କର



ଏମ୍‌ପି ଭର୍ତ୍ତୃହରି ମହତାବ କଟକ ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

**କଟକ ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟର ସମୀକ୍ଷା କଲେ ଏମ୍‌ପି**

କଟକ ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏମ୍‌ପି ଭର୍ତ୍ତୃହରି ମହତାବ। କିଛିଦିନ ହେବ ନବୀକରଣ କାମ ଧିମେଇ ଯାଇଛି। ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ବୁଧବାର ମହତାବ ଏହିସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହାସହ ପାର୍ବଣ ପୂର୍ବରୁ ମନ୍ଦିରର ଉତ୍ତର ଦ୍ୱାର କାର୍ଯ୍ୟ ଶେଷ କରିବାକୁ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ(ଓବିସିସି) ଲିମିଟିଡ୍ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଭର୍ତ୍ତୃହରି କହିଛନ୍ତି, ପୂର୍ବ ଯୋଜନା ମୁତାବକ ମନ୍ଦିର ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ଏବେ ଏହି କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଲକ୍ଷ୍ୟ ରହିଛି। ମନ୍ଦିର ନବୀକରଣ କାର୍ଯ୍ୟ ପାଇଁ ତିଆରି ହୋଇଥିବା ବ୍ଲୁପ୍ରିଣ୍ଟ ଯାଞ୍ଚ କରାଯାଇଛି। କିନ୍ତୁ ସେଥିରେ ଥିବା ମନ୍ଦିରର ଆକୃତି ଓଡ଼ିଶାରେ ଥିବା ମନ୍ଦିର ଆକୃତି ଭଳି ହୋଇନାହିଁ। ଚେନ୍ନାଇରେ ଥିବା ମନ୍ଦିର ଆକୃତିର ଏହି ଡିଜାଇନ କରାଯାଇଛି। ତେଣୁ ଏହି ଡିଜାଇନ୍ ଉପରେ ଆଗାମୀ ଦିନରେ ବିଚାର କରାଯିବ। ପାର୍ବଣରେ ମା'ଙ୍କୁ ଭକ୍ତମାନେ ଯେଭଳି ଭଲଭାବେ ଦର୍ଶନ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିବା ମହତାବ କହିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉମାକାନ୍ତ ରାଜଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ସର୍ଭେ କରୁଛନ୍ତି ଆଶାକର୍ମୀ

**ବାର୍ଡ ଫ୍ଲୁ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି**

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ପୁରୀ ଜିଲା ପିପିଲି ଅଞ୍ଚଳରେ ବାର୍ଡ ଫ୍ଲୁ ସ୍ଥିତି ସଙ୍ଗିନ ହେବା ପରେ ଏନେଇ କଟକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶାକର୍ମୀମାନଙ୍କୁ ଘର ଘର ବୁଲି ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଫାର୍ମଗୁଡ଼ିକରେ ସର୍ଭେ କରାଯାଉଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା ସୂଚନା ଦେଇଛନ୍ତି। ଏନେଇ ଡା. ବେଉରା କହିଛନ୍ତି, ବାର୍ଡ ଫ୍ଲୁକୁ ନେଇ କଟକ ଜିଲାରେ କୌଣସି ବିପଦ ନାହିଁ। ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ପ୍ରାଣୀ ଚିକିତ୍ସା ବିଭାଗ ସମସ୍ତ ଫାର୍ମରେ ସର୍ଭେ କରୁଛି। ଆଶାକର୍ମୀମାନେ ଡେଙ୍ଗୁ ନେଇ ଘର ଘର ବୁଲି ସର୍ଭେ କରୁଥିବାବେଳେ ବାର୍ଡ ଫ୍ଲୁ ସଂକ୍ରାନ୍ତରେ ସର୍ଭେ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ବ୍ୟକ୍ତିଙ୍କ ଜ୍ୱର, ଥଣ୍ଡା ଓ ଗଳା ଦରଜ ଲକ୍ଷଣ ଥିବ ସେମାନଙ୍କର ନାଜୋଫାରିଜିଆଲ ସ୍ୱାବ୍ ପରୀକ୍ଷା ପାଇଁ ପରାମର୍ଶ ଦିଆଯିବ। ପଜିଟିଭ ଲକ୍ଷଣ ଥିଲେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯିବ। ଏଥିପାଇଁ ମେଡିକାଲ ସ୍ତରରେ ପ୍ରସ୍ତୁତି କରାଯାଇଛି।

## ରଘୁନାଥ ତ୍ରିପାଠୀଙ୍କ କବିତା ସଙ୍କଳନ ଉନ୍ମୋଚିତ

କଟକ,୨୮।୮ (କାର୍ତ୍ତିକ ସାହୁ)

ରଘୁନାଥ ତ୍ରିପାଠୀଙ୍କ କବିତା ସଙ୍କଳନ ଲିପିପୁତ୍ର ବାଲିସାହିସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଓ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଛନ୍ତି। ବାଲିସାହି ଉନ୍ନୟନ ସମିତିର ଉପସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ରାଜ କିଶୋର ସ୍ୱାଇଁ ଏବଂ ସୁରେନ୍ଦ୍ର ମହାପାତ୍ର କବିତା ସଙ୍କଳନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ବାଲିସାହି ଉନ୍ନୟନ ସମିତିର ସଭ୍ୟ ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ସୁରେନ୍ଦ୍ର ମହାପତ୍ର ଧନ୍ୟବାଦ ଦେଇଥିଲେ।

## 'ସ୍ୱାଧୀନତା ସଂଗ୍ରାମୀ ଶଙ୍କର୍ଷଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'

କଟକ,୨୮।୮ (କାର୍ତ୍ତିକ ସାହୁ)

ଶଙ୍କର୍ଷଣ ପଟ୍ଟନାୟକ ସ୍ମୃତି ସଂସଦ ତରଫରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶଙ୍କର୍ଷଣ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ କଟକ ଟାଉନ୍ ହଲ୍‌ଠାରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସିଏମ୍‌ସି ମେୟର ସୁବାସ ସିଂ, ଜିଲା ସଂସ୍କୃତି ବିଭାଗ ଅଧିକାରୀ ନଳିନୀକାନ୍ତ ସାହୁ, ପ୍ରଶାନ୍ତ ଦାସ, ଆକାଶ ଭୂୟାଁ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବବର୍ଗ ଶଙ୍କର୍ଷଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶଙ୍କର୍ଷଣ ପଟ୍ଟନାୟକଙ୍କ ଗ୍ରାମର ସାମାଜିକ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶଙ୍କର୍ଷଣ ବାବୁଙ୍କ ଝିଅ ତଥା ଆଇନଜୀବୀ ସୁସ୍ମିତା ପଟ୍ଟନାୟକ, ଧର୍ମପତ୍ନୀ ସତ୍ୟଭାମା ପଟ୍ଟନାୟକ ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ନାତୁଣୀ ସୌର୍ଯ୍ୟା ପଟ୍ଟନାୟକ ଶଙ୍କର୍ଷଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଜ୍ଞାସା ପଟ୍ଟନାୟକ କାନୁନ୍‌ଗୋ କବିତା ଆବୃତ୍ତି କରିଥିଲେ। ପ୍ରଶାନ୍ତ ଦାଶ ଅତିଥି ପରିଚୟ ଓ ଆଇନଜୀବୀ ଅସିତ୍ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କଲେ ବିଧାୟିକା



ବିଧାୟିକା ସୋଫିଆ ଫିର୍ଦୋସ ନେତାଜୀ ଅଡିଟୋରିୟମରେ ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ସ୍ୱାୟତ୍ତ ଶାସନ ଦିବସରେ କଟକରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ହେବ। ଏଥିପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ବୁଧବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କଟକ ଟାଉନ୍ ହଲ୍‌ସ୍ଥିତ ଆର୍ଟ ଗ୍ୟାଲେରି, ଦରଘା ବଜାରସ୍ଥିତ ନେତାଜୀ ଅଡିଟୋରିୟମ, ବକ୍ସିବଜାର ଛକଠାରେ ସ୍ଥାପନ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ଟାଉନ୍ ହଲ୍ ଆର୍ଟ ଗ୍ୟାଲେରୀର ସିଲିଂ କାମ ନିମ୍ନମାନର ହୋଇଥିବା ଦେଖି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସୋଫିଆ କହିଛନ୍ତି, ସମସ୍ତ କାର୍ଯ୍ୟ ଉନ୍ନତମାନର ହେବା ସହ ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସିର ଯନ୍ତ୍ରୀ ଇଂ. ଅତନୁ ସାମନ୍ତ, କଂଗ୍ରେସ ନେତା କେଦାର ପୃଷ୍ଟି, ସନ୍ତୋଷ ପାତ୍ର, ଦେବେନ୍ଦ୍ର ପ୍ରସାଦ ସେଠୀ, ସାହିଲ ପର୍‌ଭେଜ, ସେକ୍ ମିନାଜଉଦ୍ଦୀନ, ସୁରଜିତ୍ ସାହୁ, ସୋନୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବି ମେଡିକାଲ ମୃତଦେହ ବ୍ୟବଚ୍ଛେଦ ଗୃହରେ ପାଣି ଜମିବା ଘଟଣା

# ସ୍ଥାୟୀ ସମାଧାନ ପାଇଁ ନିର୍ଦ୍ଦେଶ

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହରେ ପାଣି ଜମିବା ଘଟଣାକୁ ନେଇ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସିଏମ୍‌ସି କମିଶନର ତଥା ସ୍ୱାସ୍ଥ୍ୟ ବିକାଶ ସମିତିର ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଫଳରେ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା(ୱାଟ୍‌କୋ) ଜିଏମ୍ ଓ ସିଟି ଇଞ୍ଜିନିୟର ଏହାର ସ୍ଥାୟୀ ସମାଧାନ କରିବା ପାଇଁ କମିଶନରଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିବା ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ଏନେଇ ଡ. ରାଉତ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ଗୃହରେ ଏଭଳି ଭାବେ ପାଣି ଜମିବା ନେଇ ପୂର୍ବରୁ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ମେଡ଼ିକାଲ ପକ୍ଷରୁ ଅବଗତ କରାଯାଇଥିଲା। ଫଳରେ ୱାଟ୍‌କୋ ପକ୍ଷରୁ ପାଣି ନିଷ୍କାସନ ପାଇଁ ହାଇପାୱାର ପମ୍ପ ଲଗାଯାଇଥିଲା। ହେଲେ ପାଣିର ମାତ୍ରା ଅଧିକ ହେବାରୁ ପମ୍ପଟି ଜଳ ନିଷ୍କାସନ କରିବାରେ ସକ୍ଷମ ହୋଇ ପାରି ନ ଥିଲା। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ର କମିଶନରଙ୍କୁ ଚିଠି ଲେଖିଛନ୍ତି। ପରେ କମିଶନରଙ୍କ କାର୍ଯ୍ୟାଳୟରୁ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ଅଧିକ ପମ୍ପ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ଦିନରେ ଉକ୍ତ ଗୃହରେ ପାଣି ନ ଜମିବା ପାଇଁ ୱାଟ୍‌କୋ ଜିଏମ୍ ଓ ସିଟି ଇଞ୍ଜିନିୟର ଏଦିଗରେ ସମୀକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁ ଏସ୍‌ସିବି ମେଡିକାଲର ମୃତଦେହ ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ରାସ୍ତା, ଡାକ୍ତରଙ୍କ ଗୃହ ସମେତ ମୃତଦେହ ବ୍ୟବଚ୍ଛେଦ ଗୃହରେ ବର୍ଷା ଓ ନାଳପାଣି ଜମି ରହିଥିଲା। ଏଥିଯୋଗୁ ବିଳମ୍ବରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

## 'ବିଜ୍ଞାନ ପ୍ରତି ବିଦ୍ୟାର୍ଥୀ ଆକୃଷ୍ଟ ହୁଅନ୍ତୁ'

କଟକ,୨୮।୮ (କାର୍ତ୍ତିକ ସାହୁ)

**କାୟାକଳ୍ପର ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ**

ଓଡ଼ିଆ ସାହିତ୍ୟ ପତ୍ରିକା କାୟାକଳ୍ପ ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କଟକ ରାଣୀହାଟ ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲବୀ ମହାଜନ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ ପ୍ରତ୍ୟେକ ବିଦ୍ୟାର୍ଥୀ ବିଜ୍ଞାନ ପ୍ରତି ଆକୃଷ୍ଟ ହୁଅନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ତପନ ଦତ୍ତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଉପାଦେୟ ପରାମର୍ଶ ଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତପସ୍ୱିନୀ ତ୍ରିପାଠୀ ସ୍କୋରର ଥିଲେ। ଅଙ୍କିତା ଖଟୁଆ, ରଶ୍ମି ମୂଳିଆ, ପ୍ରଦ୍ୟୁମ୍ନ ସାମଲ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ରଙ୍କ ସ୍ମୃତିରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।




ରାଣୀହାଟ ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# 'ଭଞ୍ଜ ମଣ୍ଡପ ଓଡ଼ିଆ ଅସ୍ମିତାର ପ୍ରତୀକ'

କଟକ,୨୮।୮ (କାର୍ତ୍ତିକ ସାହୁ)

କଳିଙ୍ଗ ଭାରତୀ ଉଦ୍ୟମରେ ମିଶନ ରୋଡ୍‌ଠାରେ ୧୯୭୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଭଞ୍ଜ ମଣ୍ଡପର ପ୍ରତିଷ୍ଠା କରିଥିଲେ। ଭଞ୍ଜ ମଣ୍ଡପ ଓଡ଼ିଆ ଅସ୍ମିତାର ଅଭୁଲା ସ୍ମୃତି ହୋଇଛି। ଏହି ମଣ୍ଡପ ଓଡ଼ିଶାର ବହୁ ବକ୍ତା, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଓ ନୃତ୍ୟବିତ୍‌ମାନଙ୍କର ଅନ୍ତୁଡ଼ିଶାଳ। ଅସ୍ମିତାର ସୁରକ୍ଷା ଓ ସଂରକ୍ଷଣ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ୫୪ତମ ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

କଳିଙ୍ଗ ଭାରତୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କୁ କଳିଙ୍ଗ ଭାରତୀ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ ସଂସ୍କୃତି ସଙ୍ଗଠକ ସମ୍ମାନ ପ୍ରଦାନ କରାଯାଇଛି। କଳିଙ୍ଗ ଭାରତୀର ସଭାପତି ଡା. ଶୈଳେଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ଅସ୍ମିତା ରକ୍ଷାରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପ ଶୀର୍ଷକ ବିଷୟବସ୍ତୁ ଉପରେ ସ୍ମାରକୀ ବକ୍ତୃତାକୁ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। କଳିଙ୍ଗ ଭାରତୀର କାର୍ଯ୍ୟନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ସମ୍ପାଦକ ଡା. ଅଂଶୁମାନ କର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପ ଏକ ଆନ୍ଦୋଳନ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ପ୍ରଫୁଲ୍ଲ କୁମାର ଦାଶ ଭଞ୍ଜ ସାହିତ୍ୟ ଶବ୍ଦ-ସମୁଦ୍ର ପାର କରିଥିଲା ଯାହା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ପ୍ରମାଣିତ କରିବାରେ ସକ୍ଷମ ହୋଇଥିଲା ବୋଲି କହିଥିଲେ। ଉପସଭାପତି ରଞ୍ଜିତ କର ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ଡ. ଅନୁପ ମାର୍ଥା ଧନ୍ୟବାଦ ଦେଇଥିଲେ। କଳା ବିକାଶ କେନ୍ଦ୍ର ଶାସ୍ତ୍ରୀୟ ସଙ୍ଗୀତ ବିଭାଗର ଛାତ୍ରୀଛାତ୍ର, ସଙ୍ଗୀତଜ୍ଞ ଜୟଶ୍ରୀ ମହାରଣା ଓ ଗୁରୁ ତନ୍ମୟ ହୋତା ଓଡ଼ିଶୀ ଶାସ୍ତ୍ରୀୟ ଓ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ବିଭାଗ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସ ଉତ୍ସବରେ ଇଂ. ପ୍ରଭାକର ସ୍ୱାଇଁଙ୍କୁ ସମ୍ମାନିତ କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୮।୨୦୨୪

| ୩,୧୨,୭୦୬ ଟଙ୍କା | |
|---|---|
| ସୁନା | ୭୨୦ ମିଲିଗ୍ରାମ୍ |
| ରୁପା | ୩୧.୫୦୦ ଗ୍ରାମ୍ |

# ୩୦ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

- ବଳଭଦ୍ରଙ୍କ ପହଣ୍ଡି ଅଘଟଣର ତଦନ୍ତ ରିପୋର୍ଟ ଉପସ୍ଥାପନ ହେବ
- ୨୦୨୪-୨୫ ଆର୍ଥିକ ବର୍ଷର ବଜେଟ୍ ଆଗତ କରାଯିବ
- ଆଜି ବସିବ ଫାଇନାନ୍ସ ସବ୍‌କମିଟି ବୈଠକ

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ସେହିପରି ୨୯ ତାରିଖରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଫାଇନାନ୍ସ ସବ୍‌କମିଟି ବୈଠକ ବସିବ। ପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡି ସମୟରେ ଚାରମାଳ ଉପରେ ପକାଇଦେବା ଘଟଣା ନେଇ ତଦନ୍ତ ରିପୋର୍ଟ ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବା ସହ ୨୦୨୪-୨୫ ଆର୍ଥିକ ବର୍ଷର ଶ୍ରୀମନ୍ଦିର ବଜେଟ୍ ଆଗତ ହେବ।

ସୂଚନାଯୋଗ୍ୟ, ଗତ ଜୁଲାଇ ୯ରେ ଆଡ଼ପମଣ୍ଡପ ବିଜେ ସମୟରେ ତାଳଧ୍ୱଜ ରଥ ଚାରମାଳ ଉପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର ମୁହଁମାଡ଼ି ପଡିଯାଇଥିଲେ। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତିନିଜଣିଆ କମିଟି ଗଠନ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ଅତିରିକ୍ତ ଜିଲାପାଳ, ଶ୍ରୀମନ୍ଦିର ନୀତି ପ୍ରଶାସକ, ସିଟି ଡିଏସ୍‌ପିଙ୍କୁ ନେଇ ୩ଜଣିଆ କମିଟି ତଦନ୍ତ କରିଥିଲେ। ଗତ ୧୩ ତାରିଖରେ ବଳଭଦ୍ରଙ୍କ ବାଡ଼ଗ୍ରାହୀଙ୍କ ସମେତ ଅନ୍ୟ, ସେବାୟତ ଜେଟିପି ଏବଂ କର୍ମଚାରୀଙ୍କୁ ପଚରାଉଚରା କରାଯିବା ସହ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଥିବା ସୋସିଆଲ ମିଡିଆ 'ଏକ୍ସ' ଯୋଗେ ସୂଚନା ଦିଆଯାଇଥିଲା। ଆସନ୍ତା ପରିଚଳାନା କମିଟି ବୈଠକରେ ତଦନ୍ତ ରିପୋର୍ଟ ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ପହଣ୍ଡି ଅଘଟଣ ପାଇଁ ଦାୟୀ କିଏ? ଏତେବଡ଼ ବିଭ୍ରାଟ ପଛରେ କାହାର ଦୋଷ ରହିଛି। ଅନଭିଜ୍ଞ ସେବକଙ୍କ ଦୋଷ, ମୋବାଇଲରେ ଯୁବ ସେବକ ବ୍ୟସ୍ତ ରହିବା କିମ୍ବା ଆବଶ୍ୟକ ସଂଖ୍ୟକଠାରୁ ଅଧିକ ସେବାୟତ ତାଳଧ୍ୱଜ ରଥରେ ରହିବାରୁ ଏଭଳି ଅଘଟଣ ଘଟିଲା, ସେ ସମ୍ପର୍କରେ ପରିଚାଳନା କମିଟି ବୈଠକରେ ରିପୋର୍ଟ ଉପସ୍ଥାପନ ହେବ। ଅପରପକ୍ଷରେ ପରିଚାଳନା କମିଟି ବୈଠକ ପୂର୍ବରୁ ଗୁରୁବାର ଶ୍ରୀମନ୍ଦିର ଫାଇନାନ୍ସ ସବକମିଟି ବୈଠକ ଅନୁଷ୍ଠିତ ହେବ। ଶୁକ୍ରବାର ୨୦୨୪-୨୫ ବର୍ଷ ପାଇଁ ଆର୍ଥିକ ବଜେଟ୍ ଆଗତ ହେବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ୨୭୧ କୋଟି ୭ଲକ୍ଷ ଟଙ୍କାର ବଜେଟ୍ ପାରିତ ହୋଇଛି। ଖର୍ଚ୍ଚ ଅଟକଳ ରହିଥିଲା ୨୬୧ କୋଟି ୧୬ ଲକ୍ଷ ଟଙ୍କା। ୟୁନିଫର୍ମ ପଲିସିରେ ଶ୍ରୀମନ୍ଦିର ଜମିଜମା ବିକ୍ରି କରି ଆୟବୃଦ୍ଧି ସହ ରାଜ୍ୟରେ ଥିବା ୨୦୦ରୁ ଅଧିକ ପଥରଖଣି, ଅନଲାଇନ ବ୍ୟବସ୍ଥାରେ ଫୋନ୍ ପେ ଓ ପେଟିଏମ୍ ସହ ଅନୁବନ୍ଧିତ କରାଯାଇ କ୍ୟୁଆର୍ କୋଡ୍ ସ୍କାନର ବ୍ୟବସ୍ଥା କରାଯିବ ବୋଲି ଗତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅଧିକ ହୁଣ୍ଡି ସ୍ଥାପନ କରାଯାଇ ଶ୍ରୀମନ୍ଦିର ଆୟବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ୨୦୨୩-୨୪ରେ ଆଗତ ହୋଇଥିବା ବଜେଟରେ ସେବାୟତଙ୍କ ପରିବାର ସଦସ୍ୟଙ୍କ ପାଇଁ ୫ କୋଟି ଟଙ୍କାର ସ୍ୱାସ୍ଥ୍ୟବୀମା, ସେବକ ଆବାସ ଯୋଜନାରେ ୩.୫୦କୋଟି, ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ପାଇଁ ୫ କୋଟି, କର୍ପସ ଫଣ୍ଡରେ ୫୦ କୋଟି ଟଙ୍କା ଜମା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ଜିଲାରେ ଥିବା ଖଣିରୁ ୩୦କୋଟି, ହୁଣ୍ଡି ଓ ଡୋନେସନ୍ ବାବଦରେ ୩୬ କୋଟି, କର୍ପସ ଫଣ୍ଡ ସୁଧରୁ ୬୦ କୋଟି, ଜମି ଅଧିଗ୍ରହଣ ଓ ବିକ୍ରିବଟା ବାବଦରେ ୫୦ କୋଟି ଟଙ୍କା ଆୟ କରାଯାଇଥିଲା। ଗୁରୁବାର ଫାଇନାନ୍ସ ସବକମିଟି ବୈଠକରେ ବଜେଟକୁ ନେଇ ତର୍ଜମା ହେବା ପରେ ପରିଚାଳନା କମିଟି ବୈଠକରେ ଅନୁମୋଦିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚଳିତ ବଜେଟରେ ସେବକ ଆବାସ ଯୋଜନା, ସେବାୟତ କଲ୍ୟାଣପାଣ୍ଠି, ନୀତିରେ ସୁପରିଚାଳନା, ଆଦର୍ଶ ଗୁରୁକୂଳ, ବିଭିନ୍ନ ସଦର ମହକୁମାରେ ହୁଣ୍ଡି ସ୍ଥାପନ କରିବା ଇତ୍ୟାଦି ପାଇଁ ବ୍ୟୟବରାଦ କରାଯିବ ବୋଲି ସୂଚନା ମିଳିଛି।



ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଦର୍ଶନ ସାରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିର୍ଦ୍ଦେଶକ ରାହୁଲ ନବୀନ ଫେରୁଛନ୍ତି।

## ସଂକ୍ଷେପରେ

### 'ଗୋଟିଏ ଗଛ କୋଟିଏ ଜୀବନ'

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ଏବଂ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ 'ଗୋଟିଏ ଗଛ କୋଟିଏ ଜୀବନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୁରୀ ବାଙ୍ଗରସ୍ଥିତ ଇଣ୍ଟିଗ୍ରେଟେଡ ଇନଫାଷ୍ଟ୍ରକଚର୍ ସେଣ୍ଟର୍‌ରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସେଠାରେ ଥିବା ମାନସିକ ବିକାରଗ୍ରସ୍ତଙ୍କୁ ଏକ ସୁନ୍ଦର ପରିବେଶ ଦେବା ପାଇଁ ଶତାଧିକ ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା ଯୋଗଦେଇ କହିଥିଲେ, ପୁରୀ ଏକ ସମୁଦ୍ରକୂଳିଆ ସହର ସତ୍ତ୍ୱେ ଦିନକୁ ଦିନ ଏହା ଉତ୍ତପ୍ତ ସହରରେ ପରିବର୍ତ୍ତିତ ହେଉଛି। କେବଳ ଚାରାରୋପଣ ଦ୍ୱାରା ଏହାର ନିରାକରଣ ହୋଇପାରିବ। ଅନ୍ୟତମ ଅତିଥି ଭାବେ ଏସ୍‌ବିଆଇ ମୁଖ୍ୟ ଶାଖା ଚିଫ୍ ଜେନେରାଲ ମ୍ୟାନେଜର ବିଜୟ କୁମାର ଶତପଥୀ ଯୋଗଦେଇ ଷ୍ଟେଟ ବ୍ୟାଙ୍କ ସର୍ବଦା ସାମାଜିକ ଦାୟିତ୍ୱରେ ନିଜର ଭଗିଦାରିତା ରଖିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ପରିଚାଳନା କରିଥିବା ବେଳେ ଦି ବେଲ୍ ୟୁଥ୍ କ୍ଲବ୍ ସଦସ୍ୟ ଏବଂ ଆଇଆଇସି କମ୍ପ୍ଲେକ୍ସ କର୍ମଚାରୀମାନେ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ବିଦ୍ୱତ ପରିଷଦ ଗଠିତ

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ଡ. ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୱରେ ବିଦ୍ୱତ ପରିଷଦ ଗଠନ ସହ 'ସମାଜ ଜାଗରଣରେ ଶିଶୁ ବିଦ୍ୟା ମନ୍ଦିରର ଭୂମିକା' ସଂକ୍ରାନ୍ତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ କାଳନ୍ଦୀ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ବିଦ୍ୱତ ପରିଷଦର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବୈଠକରେ ବିଦ୍ୟାଳୟର ସମ୍ପାଦକ ଅରବିନ୍ଦ ଶତପଥୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା ଯୋଗଦାନ କରିଥିଲେ। ଏହିଅବସରରେ ଡ. ଅଭିମନ୍ୟୁ ଭୂୟାଁଙ୍କୁ ବିଦ୍ୱତ ପରିଷଦର ପ୍ରମୁଖ, କାଳନ୍ଦୀ ଚରଣ ସାହୁଙ୍କୁ ସହପ୍ରମୁଖ, ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ସଭାପତି, ଡ. ମାଧବ ଚନ୍ଦ୍ର ପଣ୍ଡା ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ପ୍ରଭାକର ମହାପାତ୍ରଙ୍କୁ ସଦସ୍ୟ ରୂପେ ଚୟନ କରାଯାଇଛି। ଅବକ୍ଷୟ ହୋଇଥିବା ସାମାଜିକ ମୂଲ୍ୟବୋଧର ପୁନରୁଦ୍ଧାର ନିମନ୍ତ କାର୍ଯ୍ୟ କରିବାକୁ ସଂକଳ୍ପ ନିଆଯାଇଥିଲା। ବୈଠକ ଶେଷରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଧନ୍ୟବାଦ ଦେଇଥିଲେ।

### ବଳଙ୍ଗା ଦୁର୍ଗାପୂଜା କମିଟି ପକ୍ଷରୁ ମାଟି ଅନୁକୂଳ

ବଳଙ୍ଗା,୨୮।୮(କେଦାରେଶ୍ୱର ନନ୍ଦ): ଦୁର୍ଗାପୂଜା ପାଇଁ ବଳଙ୍ଗା ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା – ବଳଙ୍ଗା ରାସ୍ତା ପାର୍ଶ୍ୱସ୍ଥ ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ଦୁର୍ଗାପୂଜା କମିଟି ସଦସ୍ୟମାନେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ବଳଙ୍ଗା କଲେଜର ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି କର୍ତ୍ତା ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକମାନଙ୍କ ଦ୍ୱାରା ଯଥାବିଧି ପୂଜା କାର୍ଯ୍ୟ ସମ୍ପନ୍ନ ହେବାପରେ ମାଟି ସଂଗ୍ରହ କରାଯାଇ ଏକ ଶୋଭାଯାତ୍ରା ବାହାରି ମା'ଙ୍କ ପୂଜା ମଣ୍ଡପରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ପ୍ରକାଶ କୁମାର ସାହୁ, ଅନିଲ କୁମାର ସାହୁ ଓ ରଞ୍ଜନ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।





ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଅବସରରେ ବୁଧବାର ବାଲିସାହିରୁ ବାହାରିଥିବା ବକାସୁର ଏବଂ ଗୋପାଳ ବାଳକମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ପୁରୀ ଶିଶୁ ମଙ୍ଗଳ କମିଟିକୁ 'ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟ ଆୱାର୍ଡ'

**କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା**

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ପକ୍ଷରୁ ବୁଧବାର ପୁରୀ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର ଏବଂ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦେଶରେ ୮୦୬ଟି ଶିଶୁ ମଙ୍ଗଳ କମିଟି ଥିବାବେଳେ ଶିଶୁ ଅଧିକାର ଓ ସୁରକ୍ଷା ଦିଗରେ ପୁରୀ ଶିଶୁ ମଙ୍ଗଳ କମିଟି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏଥିପାଇଁ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରୀ ଶିଶୁ ମଙ୍ଗଳ କମିଟିକୁ 'ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ବର୍ଷକ ମଧ୍ୟରେ କମିଟି ୧୨୦୦ ମାମଲା ପରିଚାଳନା କରିବା ସହ ଚଳିତବର୍ଷ ରଥଯାତ୍ରାରେ ୨୩୦ ପିଲାଙ୍କୁ ଖୋଜି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିପାରିଛି। ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ମଧ୍ୟ ପୁରୀ କମିଟି ଆଗୁଆ ରହିଛି। ଏହା ବ୍ୟତୀତ ଏଆଇ ଏବଂ ମେଶିନ୍ ଲର୍ନିଂ ବ୍ୟବହାର କରି ଶିଶୁ ଅଧିକାର ସୁରକ୍ଷା ପାଇଁ କମିଟି କାମ କରୁଛି। ଏଥିଯୋଗୁ ପୁରୀ ଶିଶୁ ମଙ୍ଗଳ କମିଟି ଅନ୍ୟ ଠାରୁ ସ୍ୱତନ୍ତ୍ର ବୋଲି ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ସମ୍ବର୍ଦ୍ଧନା ସଭାରେ ରାଜେଶ୍ ମିଶ୍ର, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନଙ୍କ ବିକୃତ ହୋର୍ଡିଂକୁ ନେଇ ବିବାଦ

ଅସ୍ତରଙ୍ଗ,୨୮।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରୀ ହୋର୍ଡିଂ ଓ ବ୍ୟାନର ଲାଗିଛି। ଏଥି ମଧ୍ୟରେ ନୂତନ ସରକାର ଗଠନକୁ ୨ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି। ହେଲେ ଏଯାଏ ଉକ୍ତ ହୋର୍ଡିଂକୁ କଢ଼ାଯାଇନି କି ଏଥିରେ ପରିବର୍ତ୍ତନ କରାଯାଉନି। ବରଂ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଯେଉଁଭଳି ଭାବେ ହୋର୍ଡିଂକୁ ଢଙ୍କା ଯାଇଥିଲା ଏବେ ମଧ୍ୟ ସେମିତି ଅଛି। ଆଉ ଏହାକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଘଣ୍ଟିକଣ ମଠ ନିକଟରେ ହୋର୍ଡିଂ ଲାଗିଛି। ଏଥିରେ ସରକାରୀ ଯୋଜନାର ବାର୍ତ୍ତା ମଧ୍ୟ ଦିଆଯାଇଛି। କିନ୍ତୁ ହୋର୍ଡିଂରେ ଥିବା ନବୀନଙ୍କ ଫଟୋକୁ ବିକୃତ କରି ଦିଆଯାଇଛି। କେଉଁଠି ଫଟୋ ଅଧା ଚିରି ଦିଆଯାଇଛି, ତ ଆଉ କେଉଁଠି ଫଟୋକୁ ଧଳା ରଙ୍ଗରେ ବିକୃତ କରାଯାଇଛି। ଏହାକୁ ନେଇ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ତଥା ବିଜେଡି ନେତା ସ୍ୱାଧୀନ କୁମାର ନାୟକ ଆପତ୍ତି ଉଠାଇଛନ୍ତି। ତାଙ୍କ କହିବା କଥା, ନବୀନ ପଟ୍ଟନାୟକ କିଛି ମାସ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ତେବେ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ଥିବା ବ୍ୟକ୍ତିଙ୍କ ଫୋଟକୁ ଅତି କଦର୍ଥ କରାଯାଇଛି। କିଏ, କାହା ନିର୍ଦ୍ଦେଶରେ ଏମିତି କଦର୍ଥ କରାଯାଇଛି, ଏହା ଠିକ୍ ନୁହେଁ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ନାୟକ ଆଲୋଚନା କରିବେ। ଅନ୍ୟପଟେ ଭାଜପା ନେତା ଦିବାକର ଛାଟୋଇ କହିଛନ୍ତି, ସରକାର ପରିବର୍ତ୍ତନ ହେଲାଣି। ବିଭାଗୀୟ ଅଧିକାରୀମାନେ ସେ ହୋର୍ଡିଂକୁ ବଦଳାଇବା ଦରକାର। ଏହା ଏକ ଅସମ୍ମାନ। ଏହା ଠିକ୍ ନୁହେଁ ବୋଲି ଛାଟୋଇ କହିଛନ୍ତି।

## ଜିଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା କାର୍ଯ୍ୟକ୍ରମ

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି)–

ଠିକ କ୍ଷେତ୍ର ପରିମାଣ ଓ ଫସଲ ପରିଚାଳନା ପାଇଁ ଡିଜିଟାଲ ଫସଲ ସର୍ବେକ୍ଷଣ କୃଷକମାନଙ୍କୁ ଅନେକ ସହାୟକ ହେବ। ଏଥିପାଇଁ ପ୍ରତ୍ୟେକ ଜିଲାରେ ଡିଜିଟାଲ ଫସଲ ସର୍ବେକ୍ଷଣର ସଚେତନତା ଅଭିଯାନ ଓ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜିଲାରେ ଏହି ସଚେତନତା କାର୍ଯ୍ୟକ୍ରମ ବୁଧବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାଶ ଯୋଗଦେଇ ଏହି ସର୍ବେକ୍ଷଣ ଦ୍ୱାରା କୃଷି ଓ କୃଷକଙ୍କୁ ଅନେକ ସୁବିଧା ଥିବାରୁ ସର୍ବେକ୍ଷଣକୁ ଠିକ ଭାବେ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ସୂଚନା ଅନୁସାରେ ଜିଲାର ପ୍ରାୟ ୮ ଲକ୍ଷ କୃଷି ହେଉଥିବା ପ୍ଲଟର ସର୍ଭେ ହେବ। ଏଥିପାଇଁ ସର୍ଭେୟରମାନଙ୍କୁ ପ୍ରଶିକ୍ଷଣ ସହ ଏକ ସ୍ୱତନ୍ତ୍ର ଆପ୍ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରାୟ ୧୨୦୦ ସର୍ଭେୟରଙ୍କୁ ପ୍ରଶିକ୍ଷିତ କରାଯାଇଛି। ଏମାନଙ୍କ ସର୍ଭେ ରିପୋର୍ଟକୁ ସୁପରଭାଇଜରମାନେ ତଦାରଖ କରିବେ। ଏହି ତଦାରଖ କାର୍ଯ୍ୟରେ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନେ ସହଯୋଗ କରିବେ। ଡିଜିଟାଲ ଫସଲ ସର୍ବେକ୍ଷଣର ସୁବିଧା ଅନୁସାରେ ସମୟାନୁମୋଦିତ ଫସଲ କ୍ଷେତ୍ର ଆକଳନ, ସରଳ ଭାବେ ଋଣ ପ୍ରଦାନ ମାଧ୍ୟମ, ପ୍ରକୃତ ବୀମାକାରୀଙ୍କୁ ଚିହ୍ନଟ କରି ଫସଲ ବୀମା କ୍ଷେତ୍ରରେ ଠିକ ପ୍ରିମିୟମ ଗଣନା, ଫସଲ ବିବିଧକରଣ ପ୍ରସ୍ତୁତି, ବିପଣନ କେନ୍ଦ୍ର ସ୍ଥାପନ ପାଇଁ ଆଗୁଆ ଯୋଜନା, ବିଭିନ୍ନ କୃଷି ଯୋଜନାର ତଦାରଖ, ଚାଷ ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ, ସରକାରଙ୍କ ପ୍ରଚଳିତ ଯୋଜନାରେ ସାମିଲ ଓ ଡିଜିଟାଲ ମାଧ୍ୟମରେ ଚାଷ ଓ ଆନୁଷଙ୍ଗିକ ତଥ୍ୟ ସୁରକ୍ଷିତ ଭାବେ ସଂରକ୍ଷଣର ବ୍ୟବସ୍ଥା ରହିଛି ବୋଲି ବିଷୟ ବିଶାରଦ ଅପର୍ଣ୍ଣା ପ୍ରିୟଦର୍ଶିନୀ ପତି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ବିଭୁରଞ୍ଜନ ପୃଷ୍ଟି, ପୁରୀ ଜିଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇ ବିବିଧ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ସସ୍ମିତା ମହାନ୍ତି ପରିଚାଳନା କରିଥିଲେ।

## କୁଣ୍ଡେଇ କେନାଲ ବନ୍ଧ ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୨୮।୮(ରଶ୍ମିରଞ୍ଜନ ସାହୁ)

ନୟାହାଟ ଟ୍ରାଫିକ ସମସ୍ୟା ଦୂର କରିବାକୁ କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରୀ କେନାଲର ବାମପଟ ରାସ୍ତାରେ ୫ ବର୍ଷ ତଳେ ୪୦ ଲକ୍ଷ ବ୍ୟୟରେ ନୟାହାଟ କାନାରା ବ୍ୟାଙ୍କଠାରୁ ବରଗଡ଼ା ପୋଲ ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ କରାଯାଇଥିଲା। ନୟାହାଟ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଲେ ଉକ୍ତ ରାସ୍ତା ଦେଇ ଯାନବାହନଗୁଡ଼ିକ ଯୋଗେଶ୍ୱରପୁର ଦେଇ ଯାତାୟାତ କରିଥାନ୍ତି। ଏହି କେନାଲ ରାସ୍ତାରେ ଭାରିଯାନ ଯାତାୟାତ ଫଳରେ ରାସ୍ତା ଫାଟି ଅନେକ ଜାଗାରେ ଛୋଟ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଖାଲରେ ବର୍ଷାପାଣି ଜମି ରହିଥିବାରୁ ଗାଡ଼ିମୋଟର ଯାତାୟାତରେ ଘୋର ଅସୁବିଧା ହେଉଛି। ଏ ସମ୍ପର୍କରେ ଜଳସେଚନ ବିଭାଗର ତପନ ନାୟକଙ୍କୁ ପଚାରିବାରେ, ବର୍ଷା ଦିନ ପରେ ରାସ୍ତା କାର୍ଯ୍ୟ ମରାମତି ହେବ ବୋଲି ସେ କହିଛନ୍ତି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ଅସ୍ତରଙ୍ଗ,୨୮।୮(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ କୁଣ୍ଡେଶ୍ୱର ଗ୍ରାମର ବର୍ଜୁ କାଣ୍ଡିଙ୍କ ସ୍ତ୍ରୀ ବାସନ୍ତୀ କାଣ୍ଡି(୩୨)ଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ମାନସିକ ଭାରସାମ୍ୟ ହରାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଉଛି। ଏନେଇ ୧୧/୨୪ରେ ଏକ ମାମଲା ରୁଜୁ କରି କାକଟପୁର ଥାନା ପୋଲିସ ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ପଠାଯାଇଛି।

## କୃଷକ ଅଧିକାର ଆଇନ ସଂକ୍ରାନ୍ତ କର୍ମଶାଳା

ସାକ୍ଷୀଗୋପାଳ,୨୮।୮(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ କୃଷି ବିଜ୍ଞାନ କେନ୍ଦ୍ର, ପୁରୀ ପରିସରରେ ବୁଧବାର ଉଦ୍ଭିଦ କିସମ ଓ କୃଷକ ଅଧିକାର ସଂରକ୍ଷଣ ଆଇନ ୨୦୦୧ ସମ୍ବନ୍ଧିତ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ପ୍ରମୁଖ କୃଷି ବିଶେଷଜ୍ଞ ଓ ନିର୍ଦ୍ଦେଶକମାନେ ଯୋଗଦେଇ ପାରମ୍ପରିକ ଉଦ୍ଭିଦ କିସମ ସଂରକ୍ଷଣ ଆଇନ ଓ ପଞ୍ଜୀକରଣ ଉପରେ ଉପସ୍ଥିତ କୃଷକଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟକ୍ଷ କୃଷି ସମ୍ପ୍ରସାରଣ ଓୟୁଏଟିର ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଗୌତମ ସାହା, ଡ. ପ୍ରଦୀପ ଦେ, ଡ. ଆର୍ ଆର୍ ବର୍ମନ, ଡ. ଟି ମହାପାତ୍ର, ଡ. ଏସ୍ ଏନ୍ ମିଶ୍ର, ଡ. ପିପି ପାଲ, ଡ. ରବି ପ୍ରକାଶ, ଡ. ଡି ମିଶ୍ର, ଡ. ପିକେ ଅଗ୍ରୱାଲ, ଡ. ଏପି ନାୟକ, ଡ. ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କର୍ମଶାଳାରେ ଶହେରୁ ଅଧିକ କୃଷକ ଓ କୃଷିଜୀବୀ ମହିଳା ନିଜର ଦେଶୀ ବିହନ କିସମ ସହିତ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ର ବିଭିନ୍ନ ଜିଲାରୁ ଅଣାଯାଇଥିବା ବିଭିନ୍ନ ଫସଲର ଦେଶୀ ବିହନ ପ୍ରଦର୍ଶନୀ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି

**ଆଜି କାଳୀୟଦଳନ ବେଶ ଓ ନୀତି**

ପୁରୀ,୨୮।୮(ଅଜିତ୍ କୁମାର ମହାନ୍ତି):





ପବିତ୍ର ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମନୀତି ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ଭାଦ୍ରବ ମାସ କୃଷ୍ଣ ପକ୍ଷ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଣଭୋଜି ବେଶ, କୋଳିବିକା ନୀତି ସହ ବକାସୁର, ଅଘାସୁର ବଧ ନୀତି ସମ୍ପନ୍ନ କରାଯାଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ବଡ଼ଠାକୁର ପ୍ରଭୁ ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଆଜ୍ଞାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବଳଭଦ୍ର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣ ଘରକୁ ବିଜେ କରାଯାଇଥିଲା। ଦକ୍ଷିଣ ଘରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା। ରାମକୃଷ୍ଣ ବଟଦ୍ୱାର ପାଖରେ ଥିବା ପାଲଙ୍କିରେ ଅଧିଷ୍ଠିତ ହୋଇଥିଲେ। ପାଲିଙ୍କିକୁ ବିମାନବଡୁ ସେବକମାନେ ଘଣ୍ଟଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡ଼ଛତା ମଠ ସମ୍ମୁଖରେ ସଜାଯାଇଥିବା କାଠ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ହୋଇଥିଲା। ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରମାନଙ୍କୁ ବଣଭୋଜି ବେଶରେ ଭୂଷିତ କରାଇଥିଲେ। ଏହି ବେଶର ମହାପ୍ରଭୁ ସ୍ୱର୍ଣ୍ଣ ଅଳଙ୍କାର ସହ ପ୍ରାୟ ୧୮ ପ୍ରକାର ଅଳଙ୍କାର ଲାଗି ହୋଇଥିଲେ। ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣ କିଆ ଶ୍ରୀମସ୍ତକ ଚୂଳରେ ଖୋସାଯାଇଥିଲା। ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏ ଗାଈ ବାଛୁରୀ (କାଷ୍ଠ ନିର୍ମିତ) ଦଣ୍ଡାୟମାନ ରହିଥିଲେ। ଏହି ବେଶ ପୁଷ୍ପାଳକ, ଭଣ୍ଡାର ମେକାପ ଓ ଖୁଣ୍ଟିଆ ଆଦି ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବେଶରେ ଠାକୁରମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖୁଆପେଡାର ମାଳି ଧାରଣ କରିଥିଲେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆପେଡା ଯୋଗାଇ ଦିଆଯାଇଥାଏ। ପୁରାଣ ଓ ପରମ୍ପରା ମୁତାବକ, ଶ୍ରୀକୃଷ୍ଣ ଓ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରୀ ନେଇ ବଣ ଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବାର ବିଶ୍ୱାସ ରହିଛି। ଏହି ବେଶରେ ବିଶେଷ କରି ଠାକୁରମାନେ ବଣଭୋଜି ଉଦ୍ଦେଶ୍ୟରେ ଗମନ କରୁଥିବାର ଦୃଶ୍ୟ ପ୍ରକଟିତ ହୋଇଥାଏ। ସାହି ପରମ୍ପରାରେ ବାଲିସାହି ଯାଗା ଆଖଡ଼ା ଓ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ବକାସୁର ଏବଂ ଅଘାସୁର ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିର ପରିଦର୍ଶନ କରିବା ପରେ ସେଠାରେ ବକାସୁର ବଧ ଓ ଅଘାସୁର ବଧ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କଣ୍ଡେୟ ପୁଷ୍କରିଣୀଠାରେ କାଳୀୟଦଳନ ନୀତି ସମ୍ପନ୍ନ ହେବ।



ପାରାଲିମ୍ପିକ୍ସ ୨୦୨୪ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ସୁମିତ୍ ଆଣ୍ଟିଲଙ୍କ ନେତୃତ୍ୱରେ ଭାରତୀୟ ଦଳର ପରେଡ୍।



ଦିବ୍ୟାଙ୍ଗ କଳାକାରମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

# ପାରାଲିମ୍ପିକ୍ସ ୨୦୨୪ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଧୂଆଁ ଜରିଆରେ ଫ୍ରାନ୍ସ ଜାତୀୟ ପତାକାର ରଙ୍ଗ ସୃଷ୍ଟି କରାଯାଇଛି।

**ପ୍ୟାରିସ୍,୨୮।୮**

ପାରାଲିମ୍ପିକ୍ସ ୨୦୨୪ ବୁଧବାର ପ୍ୟାରିସର କେନ୍ଦ୍ରସ୍ଥଳ ଚାମ୍ପ୍ସ-ଇଲିସେସ ଓ ପ୍ଲେସ୍ ଡି ଲା କନ୍‌କର୍ଡରେ ମହା ସମାରୋହରେ ଉଦ୍‌ଘାଟିତ ହୋଇଛି। ପାରାଲିମ୍ପିକ୍ସ ଇତିହାସରେ ପ୍ରଥମ ଥର ପାଇଁ ଉଦ୍‌ଘାଟନୀ ସମାରୋହ ଷ୍ଟାଡିୟମ ବାହାରେ ଅନୁଷ୍ଠିତ ହୋଇଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ୧୧ଦିନ ବ୍ୟାପୀ ହେବାକୁ ଥିବା ଏହି ଇଭେଣ୍ଟରେ ୨୨ଟି କ୍ରୀଡ଼ା ବର୍ଗର ୫୪୯ ପଦକ ପାଇଁ ୪୪୦୦ ଆଥଲେଟ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାର ୧୨ଟି କ୍ରୀଡ଼ାରେ ୮୪ ଜଣ ଭାରତୀୟ ପ୍ରତିଯୋଗୀ ଭାଗନେବେ। ଉଦ୍‌ଘାଟନୀ ସମାରୋହରେ ୫୨ ଆଥଲେଟ୍‌ଙ୍କୁ ମିଶାଇ ୧୦୦ ଜଣିଆ ଭାରତୀୟ ପ୍ରତିନିଧି ଦଳ ଅଂଶଗ୍ରହଣ କରିଥିଲେ। ଶଟ୍‌ପୁଟ ତାରକା ଭାଗ୍ୟଶ୍ରୀ ଯାଦବ ଓ ଜାଭେଲିନ ଥ୍ରୋୟର ସୁମିତ ଆଣ୍ଟିଲ ତ୍ରିରଙ୍ଗା ବାହକ ରହିଥିଲେ।

ଫ୍ରାନ୍ସ ଏୟାର ଫୋର୍ସ ଦ୍ୱାରା ପ୍ରଥମେ ଆକ୍ରୋବାଟିକ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା। ଫ୍ରେଞ୍ଚ ଡିଜେ ମିଡ୍ସ ସଙ୍ଗୀତ ପରିବେଶଣ କରିଥିବା ବେଳେ ପାରା ଆଥଲେଟ ମାନେ ଏହାର ତାଳରେ ଚାମ୍ପ୍ସ-ଇଲିସେସରେ ପ୍ରବେଶ କରିଥିଲେ। ଏହା ବ୍ୟତୀତ କ୍ରିଷ୍ଟିନ ଆଣ୍ଡ ଦ କୁଇନ୍ସ ବ୍ୟାଣ୍ଡ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମୁଦାୟ ୧୬୮ ଦେଶ ପରେଡରେ ସାମିଲ ହୋଇଥିଲେ। ଆଫଗାନିସ୍ତାନ ପ୍ରଥମ ଦଳ ଭାବରେ ପରେଡରେ ଅଂଶଗ୍ରହଣ କରିଥିଲା।







ମାସ୍କଟରେ ସଜ୍ଜିତ କାର୍‌ରେ ଆସୁଛନ୍ତି ପାରା ଆଥଲେଟ୍ ଥିଓ କୁରିନ୍। ଫ୍ରାନ୍ସ ବାୟୁସେନା ପକ୍ଷରୁ ଏୟାର୍ ଶୋ' ପ୍ରଦର୍ଶନୀ।



କ୍ରିଷ୍ଟିନ ଆଣ୍ଡ ଦ କୁଇନ୍ସ ବ୍ୟାଣ୍ଡ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ।

## କୋହଲି, ଜୟସ୍ୱାଲଙ୍କ ଉନ୍ନତି, ୬ଷ୍ଠକୁ ଖସିଲେ ରୋହିତ

**ଦୁବାଇ, ୨୮।୮ (ପି.ଟି.)**

ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର‌୍ୟାଙ୍କିଙ୍ଗ ତାଲିକାରେ ଭାରତର ସିନିୟର ବ୍ୟାଟର ବିରାଟ କୋହଲି ଦୁଇ ସ୍ଥାନ ଉପରକୁ ଉଠି ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ୬ଷ୍ଠ ସ୍ଥାନରେ ରହିଛନ୍ତି। ରୋହିତ ଓ କୋହଲିଙ୍କ ସହ ଟପ୍ ୧୦ରେ ରହିଥିବା ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ୭ମ ରେ ରହିଛନ୍ତି। ଇଂଲଣ୍ଡର ଜୋ ରୁଟ୍ ଶୀର୍ଷ ର‌୍ୟାଙ୍କିଙ୍ଗପ୍ରାପ୍ତ ବ୍ୟାଟର ଭାବେ ସ୍ଥାନ ବଜାୟ ରଖିଛନ୍ତି। ହ୍ୟାରୀ ବ୍ରୁକ୍ ର‌୍ୟାଙ୍କିଙ୍ଗ ତାଲିକାରେ ଲମ୍ବା ଡିଆଁ ମାରିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ମ୍ୟାଚରେ ସେ ୫୬ ଓ ୩୨ ରନ ସଂଗ୍ରହ କରିଥିଲେ। ଏହି ୨୫ ବର୍ଷୀୟ ଖେଳାଳି ପାକିସ୍ତାନର ବାବର ଆଜାମ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଏବଂ ରୋହିତଙ୍କୁ ପଛରେ ପକାଇ ଓଭରଅଲ ଚତୁର୍ଥ ସ୍ଥାନ ଅଧିକାର କରିନେଇଛନ୍ତି। ବାବର ମିଳିତ ତୃତୀୟ ସ୍ଥାନରୁ ୬ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ଅଛନ୍ତି। ବୋଲରଙ୍କ ମଧ୍ୟରେ ଭାରତର ପୁରୁଖା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୀର୍ଷ ସ୍ଥାନ ବଜାୟ ରଖିଥିବା ବେଳେ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଏବଂ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଯଥାକ୍ରମେ ତୃତୀୟ ଓ ସପ୍ତମ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି।

## ଆନ୍ତର୍ବିଭାଗୀୟ ଫୁଟ୍‌ବଲ ଫାଇନାଲ ଶୁକ୍ରବାର

**ଭୁବନେଶ୍ୱର, ୨୮।୮ (ବିଜୟ ରଣା)**

ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଲୋକସେବା ଭବନରେ ଚାଲିଥବବା ଆନ୍ତର୍ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଛି। ଫାଇନାଲ ମ୍ୟାଚ ଶୁକ୍ରବାର ଖେଳାଯିବ। ପ୍ରଥମ ସେମିଫାଇନାଲ ମ୍ୟାଚରେ ଅନୁସୂଚିତ ଜାତି ଜନଜାତି ଓ ଅନୁସୂଚତି ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ୧-୦ ଗୋଲ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲରେ ଅର୍ଥ ବିଭାଗ ୨-୧ ଗୋଲ୍‌ରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗକୁ ହରାଇ ଦେଇଛି। ଉପରୋକ୍ତ ମ୍ୟାଚ ଦୁଇଟିରେ ଯଥାକ୍ରମେ ମନେନ୍ଦ୍ର ସର୍ଦ୍ଦାର ଓ ଆଲୋକ ଆଲବର୍ଟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

## ଏସିଆନ୍ ଆଇଟିଏଫ୍ ଟାଏକୋଣ୍ଡୋ: ଓଡ଼ିଶାକୁ ୩ ପଦକ





ପଦକ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୨୮।୮(ସରୋଜ ଜେନା)**

ବେଙ୍ଗାଲୁରୁ କରମଙ୍ଗଳା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଦଶମ ଏସିଆନ୍ ଆଇଟିଏଫ୍ ଟାଏକୋଣ୍ଡୋରେ ଓଡ଼ିଶା ଖେଳାଳି ୩ଟି ପଦକ ଜିତିଛନ୍ତି। ୨୨ ଦେଶର ମୋଟ ୬୬୮ ପ୍ରତିଯୋଗୀଙ୍କ ମଧ୍ୟରେ ଭାରତରୁ ୨୦୭ ଜଣ ରହିଥିଲେ। କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀରୁ କୋଚ୍ ଲକ୍ଷ୍ମୀ ପ୍ରସାଦ ନାୟକ(ତୃତୀୟ ଡାନ୍)ଙ୍କ ପ୍ରତିଯୋଗୀ ମାନେ ଭାଗ ନେଇଥିଲେ। ଓଡ଼ିଆ ଖେଳାଳି ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ସବ୍ ଜୁନିୟର ବାଳକ ବର୍ଗରେ ପୂର୍ଣ୍ଣବ୍ରହ୍ମ ମୁଦୁଲି ସ୍ୱର୍ଣ୍ଣ ଓ ଆଦିକ ସମର୍ପିତ ସାହୁ ବ୍ରୋଞ୍ଜ ପଦକ ଜିତିଥିଲେ। ଜୁନିୟର ବର୍ଗ ସ୍ୱାଇରିଙ୍ଗ ଇଭେଣ୍ଟରେ ସୁରଜ କୁମାର ଜେନା ଏକ ରୌପ୍ୟ ପଦକ ଜିତିଥିଲେ। କୃତୀ ଖେଳାଳି ଓ କୋଚ୍‌ଙ୍କୁ କଳିଙ୍ଗ ଯୋଦ୍ଧା ଫାଉଣ୍ଡେସନ୍ ଟ୍ରଷ୍ଟର ଟ୍ରଷ୍ଟି ସୁଶାନ୍ତ କୁମାର ସାହୁ, ପ୍ରିୟବ୍ରତ ପାଢୀ, ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରମ୍ୟାନ ଡ. ବଦ୍ରିନାଥ ପଟ୍ଟନାୟକ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଟେଷ୍ଟ କ୍ରିକେଟର ପୁନରୁଦ୍ଧାର ପ୍ରଥମ ଲକ୍ଷ୍ୟ: ଜୟ ଶାହା

**ନୂଆଦିଲ୍ଲୀ,୨୮।୮(ପି.ଟି.)**



ଟେଷ୍ଟ କ୍ରିକେଟର ପୁନରୁଦ୍ଧାର ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍(ଆଇସିସି)ର ନବନିଯୁକ୍ତ ଚେୟାରମ୍ୟାନ୍ ଜୟ ଶାହା ମତ ଦେଇଛନ୍ତି। ମଙ୍ଗଳବାର ଚେୟାରମ୍ୟାନ୍ ଭାବରେ ନିର୍ବାଚିତ ହୋଇଥିଲେ ବିସିସିଆଇ ସଭାପତି ଜୟ ଶାହା। ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଶାହା ନିର୍ବାଚିତ ହୋଇଥିବା ବେଳେ ୩୫ ବର୍ଷ ବୟସରେ ଆଇସିସିର ସର୍ବକନିଷ୍ଠ ଚେୟାରମ୍ୟାନ୍ ହେବାର ରେକର୍ଡ ମଧ୍ୟ କରିଥିଲେ। ବର୍ତ୍ତମାନ ବିସିସିଆଇ ସମ୍ପାଦକ ରହିଥିବା ଶାହା ଡିସେମ୍ବର ୧ ତାରିଖରେ ନୂତନ ଦାୟିତ୍ୱ ଗ୍ରହଣ କରିବେ। ଟି୨୦ କ୍ରିକେଟ ଏକ ଆକର୍ଷଣୀୟ ଫର୍ମାଟ, ଯାହା ଲୋକଙ୍କୁ ଆକର୍ଷିତ କରିଥାଏ । ତେବେ ଟେଷ୍ଟ କ୍ରିକେଟ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ଟେଷ୍ଟ କ୍ରିକେଟର ପୁନରୁଦ୍ଧାର ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି ଶାହା। ସ୍କାଉଟିଂ ଜରିଆରେ ପ୍ରତିଭା ଚିହ୍ନଟ କରି କ୍ରିକେଟକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି ଶାହା।

କ୍ରିକେଟର ଏହି ସର୍ବୋଚ୍ଚ ପଦରେ ଅବସ୍ଥାପିତ ହେବାରେ ଶାହା ପଞ୍ଚମ ଭାରତୀୟ ପାଲଟିଛନ୍ତି। ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ୍. ଶ୍ରୀନିବାସନ୍ ଓ ଶଶାଙ୍କ ମନୋହର ଯୋଶୀ ଆଇସିସିର ମୁଖ୍ୟ ଭାବରେ କାର୍ଯ୍ୟ କରିସାରିଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ହେବ ବୋଲି କହିଥିଲେ ଶାହା। ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ତାଙ୍କୁ ଆଇସିସିର ଦାୟିତ୍ୱ ମିଳିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ କହିଛନ୍ତି। ମହିଳା କ୍ରିକେଟ ଓ ଦିବ୍ୟାଙ୍ଗ କ୍ରିକେଟ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରି ଏହାର ଉନ୍ନତି କରାଯିବା ଉଚିତ ବୋଲି ଶାହା ନିଜ ବିବୃତିରେ କହିଛନ୍ତି।

## ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାଗନେବେ କିଟ୍‌ର ୨ ଛାତ୍ର



ପ୍ରବୀଣ କୁମାର



ରାମ ପାଲ

**ଭୁବନେଶ୍ୱର, ୨୮।୮ (ତପନ ସ୍ୱାଇଁ)**

ବୁଧବାରଠାରୁ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଥିବା ପାରାଲିମ୍ପିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଜଣ ଛାତ୍ର ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସେମାନେ ହେଲେ ପାରା ଆଥଲେଟ୍ ପ୍ରବୀଣ କୁମାର ଓ ରାମପାଲ। ଉଭୟ ଆଥଲେଟ୍ ହାଇଜମ୍ପ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରବୀଣ କୁମାର ହେଉଛନ୍ତି ୨୦୨୦ ଟୋକିଓ ଅଲିମ୍ପିକ୍ସର ସିଲଭର ମେଡାଲିଷ୍ଟ। ଏଥର ସେ ଟି୬୪ ବର୍ଗରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ଏବଂ ତାଙ୍କର ସ୍ୱର୍ଣ୍ଣ ପଦକ ଜିତିବା ଆଶା ରହିଛି। ସେହିପରି ଟି୪୭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ରାମପାଲ ପ୍ୟାରିସରେ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି। ୨୦୧୬ ରିଓ ପାରାଲିମ୍ପିକ୍ସରେ ସେ ୬ଷ୍ଠ ଓ ୨୦୨୦ ଟୋକିଓ ପାରାଲିମ୍ପିକ୍ସରେ ୫ମ ସ୍ଥାନରେ ରହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟରେ ଉଭୟ ପ୍ରବୀଣ ଓ ରାମପାଲ ସାମାଜିକ ବିଜ୍ଞାନରେ ମାଷ୍ଟର ଡିଗ୍ରୀ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅନ୍ତର୍ଜାତୀୟ କ୍ରିକେଟରୁ ମଲାନଙ୍କ ଅବସର

**ଲଣ୍ଡନ, ୨୮।୮ (ଏପି):** ପୂର୍ବତନ ଶୀର୍ଷ ର‌୍ୟାଙ୍କିଙ୍ଗପ୍ରାପ୍ତ ଟି୨୦ ବ୍ୟାଟର ଡାଭିଡ ମଲାନ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ସେ ଇଂଲଣ୍ଡ ତରଫରୁ ଖେଳର ସମସ୍ତ ଫର୍ମାଟରେ ଶତକ ହାସଲ କରିଛନ୍ତି। ହ୍ୱାଇଟ୍ ବଲ୍ କ୍ରିକେଟରେ ସେ ଯେତିକି ଆଶା କରିଥିଲେ ତା'ଠାରୁ ଅଧିକ ସଫଳତା ହାସଲ କରିପାରିଛନ୍ତି। ଟେଷ୍ଟ କ୍ରିକେଟରେ କିନ୍ତୁ ସେ ପଛରେ ପଡ଼ିଯାଇଥିଲେ। ଟପ୍ ଅର୍ଡର ବ୍ୟାଟର ମଲାନ ୨୨ଟେଷ୍ଟ, ୩୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୬୨ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଟି୨୦ କ୍ରିକେଟରେ ତାଙ୍କ ପ୍ରଦର୍ଶନ କିନ୍ତୁ ଜବରଦସ୍ତ ରହିଥିଲା। ସେ ୨୦୨୦ରେ ନମ୍ବର ୱାନ୍ ର‌୍ୟାଙ୍କିଙ୍ଗ ଖେଳାଳି ହୋଇପାରିଥିବା ବେଳେ ୨୦୨୨ରେ ଟି୨୦ ବିଶ୍ୱକପ୍ ଜିତିଥିଲେ।

## ଜାହିର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ମେଣ୍ଟର

**କୋଲକାତା, ୨୮।୮ (ପି.ଟି.)**

ଭାରତର ପୂର୍ବତନ ଫାଷ୍ଟ ବୋଲର ଜାହିର ଖାଁ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମେଗା ନିଲାମି ପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲସିଜି)ର ନୂଆ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଏହି ୪୫ ବର୍ଷୀୟ ବାମହାତୀ ପେସ୍ ବୋଲର ଦୁଇ ବର୍ଷ ପରେ ଆଇପିଏଲ୍‌କୁ ଫେରିଛନ୍ତି। ପୂର୍ବରୁ ୨୦୧୮ରୁ ୨୦୨୨ ସେ ପର୍ଯ୍ୟନ୍ତ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳ ପାଇଁ କାର୍ଯ୍ୟ କରିଛନ୍ତି। ଜାହିରଙ୍କ ଏହି ନୂଆ ନିଯୁକ୍ତି ପାଇଁ ବୁଧବାର ଆରପିଏସ୍‌ଜି ଗ୍ରୁପ୍ ମୁଖ୍ୟକାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୂର୍ବରୁ ଗୌତମ ଗମ୍ଭୀର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ମେଣ୍ଟର ରହିଥିଲେ। ଗମ୍ଭୀର ବର୍ତ୍ତମାନ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଗତ ଆଇପିଏଲ୍ ପୂର୍ବରୁ ଏଲ୍‌ଏସ୍‌ଜି ଆଣ୍ଡି ଫ୍ଲାୱାରଙ୍କ ସ୍ଥାନରେ ଜଷ୍ଟିନ ଲାଙ୍ଗରଙ୍କୁ ଏହାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଥିଲା। ଲାନ୍ସ କ୍ଲୁଜନର ଓ ଆଡାମ ଭୋଗ୍ସ ତାଙ୍କ ଡେପୁଟି ଭାବେ କାର୍ଯ୍ୟ ଜାରି ରଖିବେ।





ଜାହିର ଖାନ୍(ଡାହାଣ)ଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଜର୍ସି ପ୍ରଦାନ କରାଯାଉଛି।

